# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ • ମୂଲ୍ୟ : ୫ ଟଙ୍କା/-

VOL NO.- 09, ISSUE NO.-6, DATE : 15.10.2022 - 31.10.2022, FORTNIGHTLY (ODIA), BHUBANESWAR. PAGES-08



## "ବିପ୍ଳବୀ ଜୀବନ ସର୍ବାପେକ୍ଷା ମର୍ଯ୍ୟାଦାମୟ"

- ଶିବଦାସ ଘୋଷ

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କଲିକତା ଜିଲ୍ଲା କମିଟି ଉଦ୍ୟୋଗରେ କଲିକତାସ୍ଥ ମହାଜାତି ସଦନରେ ୧୯୭୪ ମସିହା ଫେବୃୟାରୀ ମାସ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଦଳର ନେତା ଓ କର୍ମୀମାନଙ୍କର ଏକ ରାଜନୈତିକ ଶିକ୍ଷାଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିକ୍ଷା ଶିବିରରେ ସର୍ବହରାର ମହାନନେତା, ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ ତଥା ଆମର ପ୍ରିୟ ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ସାଧାରଣ ସଂପାଦକ କମ୍ରେଡ ଶିବଦାସ ଘୋଷ ଅନେକ ଗୁଡିଏ ସାଂଗଠନିକ ପ୍ରସଙ୍ଗ ଉପରେ ଅତ୍ୟନ୍ତ ଉପାଦେୟ ଆଲୋଚନା କରିଥିଲେ ।

ମହାନନେତା କମ୍ରେଡ ଶିବଦାସ ଘୋଷଙ୍କ ଜନ୍ମ ଶତବର୍ଷ ଉପଲକ୍ଷେ ଦଳର ଓଡିଶା ରାଜ୍ୟକମିଟି ପକ୍ଷରୁ ତାଙ୍କର ଏହି ଅମୂଲ୍ୟ ଆଲୋଚନାଟିର ଓଡିଆ ଅନୁବାଦ ପୁସ୍ତିକା ଆକାରରେ ପ୍ରକାଶ କରାଯାଇଛି । ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ଏହି ପୁସ୍ତିକାର ଏକ ନିର୍ବାଚିତ ଅଂଶ ସ୍ଥାନିତ କରାଯାଇଛି । ଆଶା କରୁଛି ଦଳର ନେତା, କର୍ମୀ, ସମର୍ଥକ, ଦରଦୀ ତଥା ସର୍ବହାର କ୍ରାନ୍ତିର ପାଠକମାନଙ୍କପାଇଁ ଏହା ଅତ୍ୟନ୍ତ ଉପାଦୟ ହେବ ।

- ସଂପାଦକ, ସର୍ବହରା କ୍ରାନ୍ତି ।

**ମୋ**ର କିଛି ସହକର୍ମୀ ଯେଉଁମାନେ ଏଠାରେ ବସିଛନ୍ତି, ସେମାନେ ଅତୀତର ବହୁ କଥା ଜାଣନ୍ତି । ମୋର ନିଜର ଅଭିଜ୍ଞତା ହେଲା, ପ୍ରଥମେ ଯେତେବେଳେ ଏହି ଦଳ ଆରମ୍ଭ ହୁଏ, ସେତେବେଳେ ଆମର କଣ ଥିଲା ? କିଛି ହିଁ ନଥିଲା । ଟଙ୍କା ନାହିଁ, ପଇସା ନାହିଁ, ଲୋକବାକ ନାହିଁ, ରହିବାର ଜାଗା ନାହିଁ, କେହି ଚିହ୍ନନ୍ତି ନାହିଁ, ଜାଣନ୍ତି ନାହିଁ । ଆଉ ଆମ୍ଭମାନଙ୍କର ବୟସ ବା ସେତେବେଳେ କେତେ ? ମୁଁ ସେତେବେଳେ Quite Young Man, ଅଳ୍ପ ବୟସର ଜଣେ ଯୁବକ ଯିଏ କହୁଛି ଭାରତବର୍ଷରେ କୌଣସି ଯଥାର୍ଥ ବିପ୍ଳବୀ ଦଳ ନାହିଁ, ଦଳ ଗଠନ କରିବାକୁ ହେବ । ଅନେକେ ହିଁ ଯୁକ୍ତି ଶୁଣି କୁହନ୍ତି, ହଁ, ଏହା ତ କରିବା ଉଚିତ ଯୁକ୍ତିଗୁଡିକ ତ ଭଲ । ମାତ୍ର ଏହା ପାଗଳ ଭଳି କଥା । ଗୋଟିଏ ଦଳ କରିବା ସହଜ କଥା ନା କଣ ? ଏତେଗୁଡିଏ ବଡ ବଡ ଦଳ ରହିଛନ୍ତି, ସେମାନେ ଘାଏଲ ହୋଇଯାଉଛନ୍ତି, ଭାଙ୍ଗି ପଡୁଛନ୍ତି, କେତେ କାଣ୍ଡ ହେଉଛି । ଆଉ ଯେଉଁମାନଙ୍କୁ କେହି ଚିହ୍ନନ୍ତି ନାହିଁ, ଜାଣନ୍ତି ନାହିଁ, ଅଭିଜ୍ଞତା ସମ୍ପନ୍ନ ଲୋକ ନାହିଁ, ନାଁ କରା ନେତା ନାହିଁ, ପ୍ରେସ୍ ପବ୍ଲିସିଟି ନାହିଁ, ସେମାନେ କଣ କରିବେ ? କିଛି କହିଲେ ହିଁ ଲୋକେ ଥଟ୍ଟା କରୁଥିଲେ, ହସୁଥିଲେ, ପୁଣି କହୁଥିଲେ ଦେଖ, କୁହା ନାହିଁ ବୋଲା ନାହିଁ, ଆମ ଦେଶରେ କିଛି ପାଗଳ ପିଲା ବାହାରିଛନ୍ତି, କହୁଛନ୍ତି ନା କଣ ଦଳ ଗଠନ କରିବେ ! ଏହା ଅସମ୍ଭବ ବ୍ୟାପାର, ଏହା ହୋଇ ପାରେନା ।

*(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)*

## ହଜାର କଣ୍ଠରେ ଗୋଟିଏ ସ୍ୱର ବଞ୍ଚିବାର ଦାବିରେ ଏହି ଆନ୍ଦୋଳନ ଆଗେଇ ଚାଲିବ

୨୯ ସେପ୍ଟେମ୍ବର, ରାଜଧାନୀର ରାଜରାସ୍ତାରେ ଜନଜୁଆର । ରେଳ ଷ୍ଟେସନ, ରାଜମହଲ , ମାଷ୍ଟରକ୍ୟାଣ୍ଟିନ, ରାମ ମନ୍ଦିର ଛକ ସବୁଠି ପ୍ରତିବାଦୀ ଜନତାର ଭିଡ । ପୂର୍ବଦିନ ରାତିରୁ ହିଁ ଗୋଟିଏ ପରେ ଗୋଟିଏ ଟ୍ରେନ ପହଞ୍ଚୁଛି । ଆଉ ଓହ୍ଲାଉଛନ୍ତି ଶହ ଶହ ଆନ୍ଦୋଳନକାରୀ ଜନତା । ସମସ୍ତଙ୍କ ମୁଖମଣ୍ଡଳ ଏକ ଅପୂର୍ବ ସଂଗ୍ରାମୀ ତେଜରେ ଉଦ୍‌ଭାସିତ । କିଏ ଆସିଛି ସୁଦୂର କୋରାପୁଟରୁ, ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ପୁଣି ସମ୍ବଲପୁର, ବରଗଡ, ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଂଚଳରୁ । କେଉଁଠି ଦିନେ ତ ପୁଣି କେଉଁଠି ଦୁଇଦିନ ଆଗରୁ । ଟ୍ରେନରେ ବସିବାକୁ ଜାଗା ମିଳି ନାହିଁ । ଶୁଖିଲା ଚୁଡା ମୁଡିରେ ଉଦର ପୁରିଛି । ହେଲେ ମୁହଁରେ, ଚାଲିରେ, କଣ୍ଠ ସ୍ୱରରେ ନାହିଁ କ୍ଲାନ୍ତିର ଛାପ । ଟ୍ରେନରୁ ଉହ୍ଲାଉଛନ୍ତି ମୂକ ଦର୍ଶକ ଭଳି ନୁହେଁ, ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେବାକୁ ଯାଉଥିବା ଜଣେ ବୀର ସୈନିକ ଭଳି । ହାତରେ ଉର୍ଦ୍ଧ୍ୱତୋଳିତ ପାର୍ଟିର ବ୍ୟାନର, ଦାବି ସମ୍ବଳିତ ପ୍ଲାକାର୍ଡ । ଉଦ୍ଦାମ କଣ୍ଠ । ଇନକ୍ଲାବ ଜିନ୍ଦାବାଦ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିନ୍ଦାବାଦ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚରମ ଜନମାରଣ ନୀତି ବିରୁଦ୍ଧରେ ସ୍ଲୋଗାନର ଧ୍ୱନିରେ ଷ୍ଟେସନ ପରିସର ପ୍ରକମ୍ପିତ । ୨୯ତାରିଖ ସକାଳୁ ଅନୁଗୁଳ, ଗଞ୍ଜାମ, ଗଜପତି, କନ୍ଧମାଳ, ପୁରୀ ତଥା ନିକଟବର୍ତ୍ତୀ କଟକ ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡାର କିଛି ଅଂଚଳରୁ ବିକ୍ଷୋଭକାରୀମାନେ ଆସି ଟ୍ରେନରୁ ଓହ୍ଲାଇବାପରେ ଏହି ଜନସ୍ରୋତ ମହାସ୍ରୋତରେ ପରିଣତ ହୋଇଗଲା । ପୁଣି ପାର୍ଶ୍ୱବର୍ତ୍ତୀ ଜିଲ୍ଲାମାନଙ୍କରୁ ଗୋଟିଏ ପରେ ଗୋଟିଏ ବସ ରାଜମହଲ ଛକ, ରାମ ମନ୍ଦିର ଛକରେ ପହଞ୍ଚିବାକୁ ଆରମ୍ଭ କରିବାପରେ ଚାରିଆଡେ ଆଉ କିଛି ଦୃଶ୍ୟମାନ ହେଲା ନାହିଁ । ଖୋଲି ଲୋକ ଆଉ ଲୋକ । ସତେ ଯେମିତି ବନ୍ୟାର ପ୍ଲାବନ । ଏହିଭଳି ଭାବେ ଚାହୁଁ ଚାହୁଁ ଦିନ ୧୧ଟା ବେଳକୁ ରାଜ୍ୟର ୩୦ଟି ଜିଲ୍ଲାରୁ ୨୦ହଜାରରୁ ଉର୍ଦ୍ଧ୍ୱ ଜନତା ପହଞ୍ଚିଗଲେ । ବହୁ ପୂର୍ବରୁ ପାର୍ଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ତଥା ପୋଲିସ ପ୍ରଶାସନକୁ ଲିଖିତଭାବେ ଜଣାଇ ଦିଆଯାଇଥିଲା ଯେ, ଏହି ଦିନ ଝଡ ହେଉ, ବର୍ଷା ହେଉ ବା କୌଣସି ମହଲରୁ ଯେତେ ପ୍ରତିବନ୍ଧକ ଆସୁ, ଏହି ରାଜ୍ୟସ୍ତରୀୟ ବିକ୍ଷୋଭରେ ୨୦ହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗ ଦେବେ, ଏକ ବିଶାଳ ବିକ୍ଷୋଭ ସଂଗଠିତ ହେବ । ପୁଣି ଅଦିନିଆ ଲଘୁଚାପ ଜନିତ ଲଗାଣ ବର୍ଷା । ବିକ୍ଷୋଭର ପ୍ରସ୍ତୁତିକୁ ମାରାତ୍ମକ ଭାବରେ ବାଧାଗ୍ରସ୍ତ କରିଥିଲା । ଏପରିକି ବିକ୍ଷୋଭ ଦିନ ସକାଳେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଯୋଗୁ ବହୁଲୋକ ବିକ୍ଷୋଭ ସମାବେଶରେ ଯୋଗଦେଇ ପାରି ନଥିଲେ । ଏସବୁ ସତ୍ତ୍ୱେ ବିକ୍ଷୋଭ ସର୍ବୋତ୍ର ଭାବେ ସଫଳ ହେବ ବୋଲି ଦୃଢ ଆଶା ଥିଲା । ତାହା ହିଁ ହେଲା । ଘୋଷିତ କର୍ମସୂଚୀ ଅନୁଯାୟୀ ରାଜମହଲ ଛକରେ ଆନ୍ଦୋଳନକାରୀ ଜନତା ସମବେତ

*(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)*



## ବିପ୍ଳବୀ ଜୀବନ ସର୍ବାପେକ୍ଷା .....

( ୧ମ ପୃଷ୍ଠାର ଅବଶିଷ୍ଟାଂଶ)

ପାର୍ଟି ଗଢିବା କଣ ଏତେ ସହଜ କଥା ? ଏସବୁ ଅବାସ୍ତବ କଳ୍ପନା, ଏସବୁ କିଛି ହେବ ନାହିଁ । ହଁ, ଆପଣ ଯାହା କହୁଛନ୍ତି ତା' ଠିକ୍, କିନ୍ତୁ କିଛି ହେବ ନାହିଁ । ମୁଁ ମଧ୍ୟ ସଙ୍ଗେ ସଙ୍ଗେ ବେଶୀ ତର୍କ କରିନାହିଁ । ମୁଁ ସେମାନଙ୍କୁ ପାଲ୍ଟା ଉତ୍ତର କରିଛି । ହଁ ହେବ ନାହିଁ, ମାନି ନେଲି । ତର୍କ ମଧ୍ୟକୁ ନଯାଇ ଏକେବାରେ ସିଧା ମାନି ନେଲି, କିଛି ହେବ ନାହିଁ, ତା' ବୁଝିଲି, କିଛି କରିପାରିବି ନାହିଁ । ତା' ହେଲେ କଣ କରିବାକୁ ହେବ କୁହନ୍ତୁ । ଗୋଲାମୀ କରିବି, ଦଲାଲୀ କରିବାକୁ ହେବ ? ବିବେକ ବିକ୍ରୀ କରିବାକୁ ହେବ ? ଯା' ବୁଝିଛି, ତା' ନକରି ଅନ୍ୟପ୍ରକାର ଆଚରଣ କରିବାକୁ ହେବ ? ମୁଁ ପାରିବି ନାହିଁ । ମୋ କଥା ଥିଲା, ତୁମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ପାରିବ, ସେମାନେ ମୋ ସହିତ ରୁହ, ଆଉ ଯେଉଁମାନେ ପାରିବ ନାହିଁ, ହଟି ଯାଅ । Because if I die starving in the street, I shall die with honour raising my head high (କାରଣ ମୁଁ ଯଦି ଖାଇବାକୁ ନପାଇ ରାସ୍ତାରେ ପଡି ମରିଯାଏ, ତଥାପି ମୁଁ ମୋର ମଥା ଉଚ୍ଚ କରି ସମ୍ମାନର ସହିତ ମରିବି) । ମୁଁ ଯେଉଁ ଦିନ ରାସ୍ତାରେ ନଖାଇ ମରିବି, ସେଦିନ ମଧ୍ୟ ମୁଁ ଯେକୌଣସି ଅନ୍ୟାୟର ପ୍ରତିବାଦ କରିପାରିବି । ଯେକୌଣସି ଅନ୍ୟାୟକାରୀ ଲୋକ ଗାଲରେ ଦରକାର ହେଲେ ଚାପୁଡା ମାରି ପାରିବି, ମୋ ହାତ ଥରିବ ନାହିଁ । କାରଣ ମୋତେ ଗୁଳି କରି ମାରି ଦିଆଯାଇପାରେ, କିନ୍ତୁ କିଣା ଯାଇପାରିବ ନାହିଁ । What else can I do(ମୁଁ ଆଉ କଣ କରିପାରିବି) ? ମୁଁ ତ ଦଲାଲୀ କରିପାରିବି ନାହିଁ । ଏତେସବୁ ବୁଝିବା ଯୋଗୁ ହିଁ ତ ମୋର ଏତେ ବିପଦ ! ମୋ ଜେଜେମା'ର ତ କୌଣସି ଅସୁବିଧା ନଥିଲା । କାରଣ ସେମାନେ ପୁଅ-ଝିଅ, ନାତି ନାତୁଣୀ ବାହା କରେଇଛନ୍ତି, ଘର ସଂସାର କରିଛନ୍ତି, ପୂଜାର୍ଚ୍ଚନା କରିଛନ୍ତି, କାଳିବାଡି ଯାଇଛନ୍ତି, ସେଠାରେ ବାରମ୍ବାର ମୁଣ୍ଡ ଛୁଇଁ ପ୍ରଣାମ କରିଛନ୍ତି, ବାପା ସବୁ ସମୟରେ ଭାବୁଛନ୍ତି, ଏଇ ଯେମିତି ସ୍ୱର୍ଗର ରଥ ସର ସର କରି ଓହ୍ଲାଇ ଆସିଲା ଏବଂ ସେ ସ୍ୱର୍ଗକୁ ଯାଇ ଆମ ନିମନ୍ତେ ବସି ରହିବେ । ଏହା ତାଙ୍କ ପକ୍ଷରେ କେତେ ସୁବିଧା ଥିଲା । କିନ୍ତୁ ମୋ ପକ୍ଷରେ ଅସମ୍ଭବ, କାରଣ ମୁଁ ବୁଝିପାରିଛି ମଣିଷ କଥାଟିର ଅର୍ଥ କଣ ? ମଣିଷର ମୂଲ୍ୟବୋଧ କଣ ? ଯଥାର୍ଥ ମର୍ଯ୍ୟାଦା କଣ ? ଆଉ ଏହି ଦେଶରେ ଜନ୍ମଗ୍ରହଣ କରିବା ସଙ୍ଗେ ସଙ୍ଗେ ଜଣେ ମଣିଷ ଭାବରେ ମୋର କର୍ତ୍ତବ୍ୟ କଣ ? ମୁଁ ତ ଜାଣିଛି ଯେ, ଭାରତବର୍ଷର ଏହି ସମାଜର ପରିବର୍ତ୍ତନ ନହେଲେ ଆମେ କେହି ବଞ୍ଚିବୁ ନାହିଁ । ମୁଁ ବଞ୍ଚିବି ନାହିଁ, ମୋର ବିବେକ ବଞ୍ଚିବ ନାହିଁ, ନୀତି ନୈତିକତା ବଞ୍ଚିବ ନାହିଁ, ସଂସ୍କୃତି ବଞ୍ଚିବ ନାହିଁ, ଚରିତ୍ର ବଞ୍ଚିବ ନାହିଁ, କୌଣସି କିଛି ବଞ୍ଚିବ ନାହିଁ । ମୁଁ ଯଦି ଗୋଟିଏ ସୁଖର ସଂସାର ଗଢିବାକୁ ଚେଷ୍ଟା କରେ, ସେହି ପରିବାର ଭିତରକୁ ହିଁ ଦୁଷ୍ଟ ଶକ୍ତି ପ୍ରବେଶ କରି ମୋର ସ୍ନେହର ସନ୍ତାନଟିକୁ ନଷ୍ଟ କରି ଦେବ । ସେ କେଉଁ ଫିଲ୍ମ ଷ୍ଟାର୍‌ର ଚେଲା ହେବ, କି ୱାଗନ ବ୍ରେକର ଦଳରେ ନାମ ଲେଖାଇବ, ତାର କୌଣସି ଗ୍ୟାରେଣ୍ଟି ନାହିଁ । ସେ କଣ କରିବ ନକରିବ, କେହି କହିପାରିବେ ନାହିଁ । ପ୍ରାଣ ଦେଇ ଯାହାକୁ ଭଲ ପାଇ ଗଢି ତୋଳିବି ସେ ବିଶ୍ୱାସ ଘାତକତା କରି ଚାଲିଯିବ । ପଇସା ପାଇଁ ସେ କିଛି ବି ପରୱା କରିବ ନାହିଁ । ଆଜିକାର ସମାଜ ଏହି ଜାଗାରେ ଆସି ପହଞ୍ଚିଛି । ଏଥିରୁ ଯଦି ଭଲ ପାଇବାକୁ ବଞ୍ଚାଇବାକୁ ହୁଏ, ନୀତି ନୈତିକତାକୁ ବଞ୍ଚାଇବାକୁ ହୁଏ, ସ୍ନେହ ପ୍ରୀତିକୁ ବଞ୍ଚାଇବାକୁ ହୁଏ, ଦାୟିତ୍ୱବୋଧ ଓ କର୍ତ୍ତବ୍ୟବୋଧକୁ ବଞ୍ଚାଇବାକୁ ହୁଏ, ମଣିଷକୁ ବଡ କରିବାକୁ ହୁଏ, ନିଜକୁ ବି ଯଦି ବଡ କରିବାକୁ ହୁଏ, ମୋର ସ୍ନେହର ପାତ୍ର-ପାତ୍ରୀମାନଙ୍କୁ ଯଦି ବଡ କରି ଗଢି ତୋଳିବାକୁ ହୁଏ, ତା'ହେଲେ ସେମାନଙ୍କର ରାସ୍ତା ଖୋଲି ଦେବାକୁ ହେବ । ଆଉ ଲଢେଇ କରିବା ବ୍ୟତୀତ କୌଣସି ଦ୍ୱିତୀୟ ରାସ୍ତା ନାହିଁ । ଏହା ମୁଁ ବୁଝି ପାରିଛି । ମୁଁ କାହିଁକି ଏଭଳି ବୁଝିଲି ତା'କୁ ନେଇ ରାଗ କରିବି କାହା ଉପରେ ? ମୁଁ କଣ ନିଜ ମୁଣ୍ଡବାଳ ଟାଣି ଛିଣ୍ଡାଇ ପକାଇବି ଯେ ଏଭଳି ବୁଝିଲି କାହିଁକି ? ଏହାକୁ ନେଇ ତ କାହାରି ସହିତ ଯୁକ୍ତି ତର୍କ କରାଯାଇ ପାରେନା, ତୁମେ ବୁଝିନ, ମୁଁ ବୁଝିଲି କାହିଁକି ? ଆଉ ବୁଝିଲି ବୋଲି ହିଁ ମୋର ବିପଦ ହୋଇଯାଇଛି । ଏବେ ମୋ ସମ୍ମୁଖରେ ଦୁଇଟି ରାସ୍ତା ଖୋଲା ଅଛି । ହୁଏତ ନିଜକୁ ଅଧଃପତିତ କରିବି, ନିଜର ବିବେକକୁ ବିକ୍ରୀ କରିବି; ଆଉ ନହେଲେ ଲଢେଇ କରିବି । ଏହି ଲଢେଇରେ ମୁଁ ଜିତିବି କି ହାରିବି, ତା' ଇତିହାସ କହିବ । ମାତ୍ର ମୁଁ ଯାହା ସତ୍ୟ ବୋଲି ମନେକରେ, ଭାରତବର୍ଷରେ ନୂତନ ଭାବେ ଏକ ବିପ୍ଳବୀ ଦଳ ଗଢି ଉଠି ନପାରିଲେ ମଣିଷର ମୁକ୍ତି ଆସିବ ନାହିଁ । ହଜାର ହଜାର ମଣିଷ କୁରବାନୀ ଦେଉ, ଲକ୍ଷ ଲକ୍ଷ ସନ୍ତାନ ରକ୍ତ ଢାଳୁ, ସବୁ ବିପଥରେ ଚାଲିଯିବ । ତେଣୁ ଯଥାର୍ଥ ବିପ୍ଳବୀ ଦଳ ପ୍ରୟୋଜନ, ଯଥାର୍ଥ ଆଦର୍ଶ ପ୍ରୟୋଜନ ।

ଫଳରେ ମୁଁ କଣ କରିବି ? ଯେହେତୁ ଦଳ ଗଠନ କରିପାରିବି ନାହିଁ, ଯେହେତୁ ଏହି ଦଳଟା ଗଢିପାରିବି କି ନା ତା'ର କୌଣସି ଠିକଣା ନାହିଁ, ତା'ହେଲେ ନିଜକୁ ଯେମିତି ହେଲେ ବୁଝେଇ ସୁଝେଇ ପୁଣି ସେହି ସି.ପି.ଆଇରେ ଯାଇ ମିଶିବି ? ନା ସି.ପି.ଆଇକୁ ସୁଧାରି ନେବି ? ତା'ହେଲେ ତ ଭାବିଥାନ୍ତି- ହଁ, ଏହି ଦଳଟା ଯଥାର୍ଥ କମ୍ୟୁନିଷ୍ଟ ପାର୍ଟି, ଏହା ହିଁ ସଠିକ୍ ଦଳ, ଦଳଟି ଭିତରେ କିଛି ତ୍ରୁଟି ଅଛି, ସେଗୁଡିକୁ ସୁଧାରି ନିଆଯାଇ ପାରିବ । ମୁଁ ତ ତା' ବୁଝିନି । ମୁଁ ବୁଝି ସାରିଛି ଯେ, ଏହି ଦଳଟିକୁ ସୁଧାରି ବା ସଂଶୋଧନ କରି କମ୍ୟୁନିଷ୍ଟ ପାର୍ଟି କରାଯାଇ ପାରିବ ନାହିଁ । ପୁଣି ଯେତେଦିନ ଯିବ, ଏହାର ପଚା ଗନ୍ଧ ସେତେ ବ୍ୟାପିବାକୁ ଲାଗିବ । ତିରିଷ ବର୍ଷ ପୂର୍ବରେ ତ ଏହି ଦୁର୍ଗନ୍ଧ ଜଣା ପଡୁନଥିଲା । ମାତ୍ର ତିରିଶ ବର୍ଷ ପୂର୍ବେ ମୁଁ ବୁଝିଯାଇଥିଲି ଯେ, ଯେତେ ଦିନ ଯିବ ଦୁର୍ଗନ୍ଧ ସେତେ ବ୍ୟାପିବ । ଏହି ପାର୍ଟି ସଂଶୋଧିତ ହୋଇ ପାରେନା । କାରଣ, ଅନ୍ୟ କୌଣସି ଶ୍ରେଣୀ ଦଳ ଶ୍ରମିକ ଶ୍ରେଣୀର ଦଳରେ ରୂପାନ୍ତରିତ ହୋଇ ପାରେନା । ଶ୍ରମିକ ଶ୍ରେଣୀ ଦଳର ଗଠନ ପଦ୍ଧତି, ଏହାର ଚିନ୍ତାଧାରା, Methodolgy (ଚିନ୍ତା ଓ କର୍ମ ପଦ୍ଧତି) ସମସ୍ତ କିଛି ମୋତେ ନିଃସଂଶୟରେ କହୁଛି ଯେ, ଏହି ପାର୍ଟିଟା ହେଲା Party of Petty Bourgeoisie (ପେଟି ବୁର୍ଜୁଆ ଦଳ), ସେ କମ୍ୟୁନିଷ୍ଟ ପାର୍ଟିର ନାଁ ନେଇ ଚାଲିଛି, ଫଳରେ ଏହା ଖାଲି ସର୍ବନାଶ କରିବ । ଜନଗଣଙ୍କର କମ୍ୟୁନିଜିମ୍ ପ୍ରତି ଥିବା ଶ୍ରଦ୍ଧା, ଆଶା, ଆକାଂକ୍ଷା, ମୋହକୁ ଆତ୍ମସାତ୍ କରିବ ଏବଂ ନିଜ ଅପକର୍ମ ଦ୍ୱାରା ଶେଷପର୍ଯ୍ୟନ୍ତ କମ୍ୟୁନିଜିମ୍‌କୁ ହିଁ ଲୋକ ଚକ୍ଷୁରେ ହେୟ କରିବ, ମାର୍କ୍ସବାଦକୁ ହିଁ ହେୟ ପ୍ରତିପନ୍ନ କରିବ । ଫଳରେ, ଏହି ପାର୍ଟି ଦ୍ୱାରା ହେବ ନାହିଁ । ତୁମେମାନେ ଯଦି ଏହି ପାର୍ଟି ଉପରେ ନିର୍ଭର କରି, ଏହାକୁ ହିଁ ସଂଶୋଧନ କରି ଭାରତବର୍ଷରେ ବିପ୍ଳବର କଥା ଭାବ, ତା'ହେବ ମିଥ୍ୟା ରାସ୍ତା । ମୁଁ ତ ଏହି ରାସ୍ତାକୁ ଭୁଲ ବୋଲି ମନେ କରେ । ମୁଁ ତ ବିଶ୍ୱାସ କରେ ଯେ, ଭାରତବର୍ଷରେ ବିପ୍ଳବ ବ୍ୟତୀତ ମୁକ୍ତି ଅର୍ଜନର ଆଉ କୌଣସି ଦ୍ୱିତୀୟ ରାସ୍ତା ନାହିଁ । କିନ୍ତୁ ବିପ୍ଳବ ଆପଣାଛାଏଁ ହେବ ନାହିଁ । ବିପ୍ଳବ ପାଇଁ ବିପ୍ଳବୀ ଆଦର୍ଶ, ତତ୍ତ୍ୱ, ବିପ୍ଳବର ରାସ୍ତା, ପ୍ରୋଗ୍ରାମ ପ୍ରୟୋଜନ ଏବଂ ବିପ୍ଳବୀ ଦଳକୁ ସେନାପତି ଭଳି ପ୍ରସ୍ତୁତ ହୋଇ ରହିବା ଦରକାର । ତା'ହେଲେ ସେହି ଦଳ ଗଠନ କରିବ କିଏ ? ଯିଏ ବୁଝିଲା, ତା'ରି ଉପରେ ହିଁ ତ ଦାୟିତ୍ୱ ଆସି ପଡିବ । ଶ୍ରେଣୀ ବିଭକ୍ତ ସମାଜରେ Idia(ଚିନ୍ତା) ମଧ୍ୟରେ ଯେଉଁ ସଂଘାତ ଚାଲିଛି, ସେହି ସଂଘାତ ଫଳରେ କାହିଁକି ମୋ ମଧ୍ୟରେ ଆସି ଏହି ଚିନ୍ତା ଦେଖାଦେଲା, ଏଥିପାଇଁ ମୁଁ କାହା ଉପରେ ରାଗିବି ? କାହାରି ଉପରେ ତ ରାଗିବା ଚଳେନା । ତେଣୁ ମୁଁ ସେମାନଙ୍କୁ ଗୋଟିଏ ମାତ୍ର ପ୍ରଶ୍ନ କରିଥିଲି । କଣ କରିବାକୁ ହେବ କୁହ । ହଁ ହେବ ନାହିଁ, ବୁଝିଲି । କିନ୍ତୁ ଦଲାଲି କରିବାକୁ ହେବ ? ମୁଁ ପାରିବି ନାହିଁ । ଏହା ମୋ ଦ୍ୱାରା ସମ୍ଭବ ନୁହେଁ । ମୁଁ ଜାଣେ, ମୋତେ ହୁଏତ ନଖାଇ ମରିବାକୁ ହେବ । ଜଣେ ଲୋକ ନଖାଇ ମରୁଛି କି ନାହିଁ, ତାହାର ଖବର ମଧ୍ୟ କେହି ନେବାକୁ ଆସିବେ ନାହିଁ । କିନ୍ତୁ କଣ କରିବି ? ଭାବିବି ଏହା ମୋର ଅକ୍ଷମତା । ଅକ୍ଷମତାର ଲଜ୍ଜା ଗୋଟିଏ ପ୍ରକାର, ଆଉ ବିବେକ ବିକ୍ରୀ କରି ଦେବାଟା ସଂପୂର୍ଣ୍ଣ ସ୍ୱତନ୍ତ୍ର ବିଷୟ । ମୁଁ ପାରିନାହିଁ, କିନ୍ତୁ କୌଣସି ଅନ୍ୟାୟ ନିକଟରେ ମୁଣ୍ଡ ନୁଆଇଁ ନାହିଁ । ସାଧ୍ୟମତେ ଲଢିଛି, କିନ୍ତୁ ପାରିନି । ନଖାଇ ମରିଗଲି ସିନା, କିଛି କରିପାରିଲି ନାହିଁ । କିନ୍ତୁ କୌଣସି କିଛି ବିଫଳ ହୁଏ ନା । ସମସ୍ତ ବିପ୍ଳବୀମାନେ ହିଁ ଜାଣନ୍ତି ଯେ, ସେ ନଖାଇ ନିଃଶେଷ ହୋଇ ମରିଗଲା, ପାଂଚ ଜଣ ଲୋକ ମଧ୍ୟରେ, ପଚାଶ-ଶହେ ଲୋକଙ୍କ ମଧ୍ୟରେ ସେ ଖାଲି କହିଗଲା ଯେ, ଯଥାର୍ଥ ବିପ୍ଳବୀ ଆଦର୍ଶ ଓ ଦଳ ବ୍ୟତୀତ କିଛି ହେବ ନାହିଁ, ଏହା ବ୍ୟର୍ଥ ହୁଏନା, ବ୍ୟର୍ଥ ହୋଇ ପାରେନା । ★★★

## ହଜାର କଣ୍ଠରେ ଗୋଟିଏ ସ୍ୱର .....

( ୧ମ ପୃଷ୍ଠାର ଅବଶିଷ୍ଟାଂଶ)

ହେଲେ । ମାତ୍ର ଏତେ ସଂଖ୍ୟକ ଲୋକ ଠିଆ ହେବା ପାଇଁ ଜାଗା କାହିଁ । ତଥାପି ନେତୃତ୍ୱର ଆହ୍ୱାନରେ ସମବେତ ଜନତା ଅଭୂତପୂର୍ବ ଶୃଙ୍ଖଳାର ପରିଚୟ ଦେଲେ । ଘୋଷିତ ସମୟରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ସମ୍ମୁଖରେ ପାର୍ଟିର ରାଜ୍ୟ ବ୍ୟାନର, ନେତୃମଣ୍ଡଳୀ ଏବଂ ପଛକୁ ପଛ ବିଭିନ୍ନ ଜିଲ୍ଲାର ବିକ୍ଷୋଭକାରୀ ଜନଗଣ । ରାଜଧାନୀ ବହୁ ଶୋଭାଯାତ୍ରା ଦେଖିଛି । ହୁଏତ ଏହାଠାରୁ ଅଧିକ ଲୋକଙ୍କର ଭିଡ ମଧ୍ୟ ଦେଖିଛି । କିନ୍ତୁ ଏ ଶୋଭାଯାତ୍ରା ଥିଲା ନିଆରା । ସଂଗ୍ରାମୀ ଜନତାର ଏହି ସୁଶୃଙ୍ଖଳିତ ସୁଶୋଭିତ ପଟୁଆରକୁ ଯିଏ ଦେଖିଛି ସେ ବିମୁଗ୍ଧ ନହୋଇ ରହିପାରି ନାହିଁ । ଜୁଆରିଆ ସମୁଦ୍ରର ଗର୍ଜନ ଭଳି ହଜାର କଣ୍ଠରୁ ପ୍ରତିଧ୍ୱନିତ ହେଉଥିବା ବଜ୍ର ଧ୍ୱନି ଯାହାର କର୍ଣ୍ଣ ଗହ୍ୱରରେ ପହଞ୍ଚିଛି ସେ ଶିହରିତ ନହୋଇ ରହିପାରି ନାହିଁ । ଏହି ଅଭୁତପୂର୍ବ ଶୋଭାଯାତ୍ରାକୁ ଦେଖି ଦ୍ରୁତ ଗତିରେ ଧାବମାନ ଯାନଗୁଡିକର ଗତି ମଧ୍ୟ ମନ୍ଥର ହୋଇଯାଇଛି । ଚାଳକ, ଯାତ୍ରୀ ପ୍ରତ୍ୟେକ୍ଷଦର୍ଶୀ ବିସ୍ମୟାଭୂତ ହୋଇ ଏହି ଅପୂର୍ବ ଦୃଶ୍ୟକୁ ମନଭରି ଦେଖିଛି । ଏକ ନୂତନ ଆଶାରେ ପୁଲକିତ ହୋଇଛି । ସେମାନଙ୍କ ସହଯୋଗ ଏହି କଥା ହିଁ କହୁଥାଏ । ଅବଶ୍ୟ କବି ଗଙ୍ଗାଧର ମେହେରଙ୍କ ସେହି କବିତା 'ସୂର୍ଯ୍ୟୋଦୟ ଦେଖି ଜଗତ ହସଇ ଉଲ୍ଲୁକର ଦୃଷ୍ଟିବନ୍ଧ' ଭଳି ପ୍ରତିକ୍ରିୟାଶୀଳ ଶକ୍ତିମାନଙ୍କୁ ଯେ ଏହା ଶୂଳବିଦ୍ଧ କରୁନଥିବ ତା'ନୁହେଁ । ଏହା ଯେ ସେମାନଙ୍କ ପାଇଁ ଏକ ଚେତାବନୀ, ମୃତ୍ୟୁର ପରୱାନା । ଅନ୍ୟପଟରେ ଶୋଷିତ ମଣିଷର ଏହି ଲାଲ ପଟୁଆର କଣ୍ଠ ଫଟାଇ ଆହ୍ୱାନ ଦେଉଥିଲା, ହେ ଶୋଷିତ ନୀପିଡିତ ବଂଚିତ ସାଥୀଗଣ, ଉଠ, ଜାଗ୍ରତ ହୁଅ, ପୁଞ୍ଜିବାଦୀ ଗୋଲାମୀର ଶୃଙ୍ଖଳକୁ ଚୂର୍ଣ୍ଣ, ବିଚୂର୍ଣ୍ଣ କର । ନିରାଶା, ହତାଶା, ସ୍ଥବିରତାକୁ ଦୂରକର । ଅନ୍ୟାୟ, ଅବିଚାର, ଶୋଷଣ, ବଂଚନାକୁ ଆଉ କେତେଦିନ ମଥାପାତି ସହିବ ? ପୁଣି ଏହି ପଟୁଆର ଦୃପ୍ତ କଣ୍ଠରେ ଶୁଣାଉଥିଲା, ପ୍ରଚାର ଯନ୍ତ୍ର ଯେଉଁ ପ୍ରଚାର ଚଳାଉଛି ଯେ, 'ଯେତେ ଅନ୍ୟାୟ, ଜୁଲୁମ ହେଲେ ବି ଲୋକେ ସହିଯିବେ, ମଣିଷ ଆଉ ମଣିଷ ହୋଇ ନାହିଁ, ଗୋଲାମ ବନିଯାଇଛନ୍ତି, ସେମାନଙ୍କୁ ମାରିପାର, ତାରିପାର, ଯାହାବି କରିପାର'- ତା' ମିଥ୍ୟା । ଯେଉଁ ନୈରାଶ୍ୟବାଦୀମାନେ ଚିତ୍କାର କରି କହୁଛନ୍ତି, 'ପ୍ରତିବାଦ-ଆନ୍ଦୋଳନର ଯୁଗ ଶେଷ ହୋଇଯାଇଛି । ସବୁ ଦଳ ସମାନ, ଦୁର୍ନୀତିଗ୍ରସ୍ତ, ଏଠି ଆଉ କିଛି ହେବ ନାହିଁ । ଆନ୍ଦୋଳନ କରିବା ଅର୍ଥ ଘରୁ ଖାଇ ଘୋଡା ଆଗରେ ଦୌଡିବା ଭଳି ।' ତା' ମଧ୍ୟ ମିଥ୍ୟା ଆଉ ଆତ୍ମପ୍ରବଞ୍ଚନା । ଇତିହାସ ଶିକ୍ଷା ଦିଏ, ସବୁଦିନ ସବୁଲୋକଙ୍କୁ କୌଣସି ଯୁଗରେ ବୋକା ବନାଇ ରଖା ଯାଇପାରେନା । ହୁଏତ କିଛିଦିନ ପାଇଁ କିଛି ଲୋକଙ୍କୁ ରଖାଯାଇପାରେ । ଦେଖ ଏହି ସତ୍ୟକୁ ଉର୍ଦ୍ଧ୍ୱତୋଳିତ କରି ଏହି ପଟୁଆର କିଭଳି ଆଗେଇ ଚାଲିଛି । ଆହୁରି ବି ଦେଖ ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ହାତଗଢା ଶୋଷିତ ମଣିଷର ବିପ୍ଳବୀ ଦଳ କେମିତି ଶକ୍ତି ସଂଚୟ କରୁଛି, ସାଧାରଣ ଜନତାର ଆସ୍ଥାଭାଜନ ହେଉଛି । ହଜାର ହଜାର ପ୍ରତିବାଦୀ ଜନତା ଯେମିତି ଏହି କଥା ଶୁଣାଇଥିଲେ, ଏହି ଦଳ ହିଁ ଆମକୁ ବଂଚିବାର ପ୍ରକୃତ ପଥ ଶିଖାଇଛି । ଆମେ ବୁଝିଛୁ, 'ଆମେ ଗରିବ ହୋଇପାରୁ, କିନ୍ତୁ କାହାର ଗୋଲାମ ନୁହଁ, କାମ ନପାଇ ବେକାର କିନ୍ତୁ ଭିକାରୀ ନୁହଁ । କ୍ଷୁଧାର ଜ୍ୱାଳା-ଯନ୍ତ୍ରଣା ସହିପାରୁ, କିନ୍ତୁ କାହାରି ଅପମାନର ଉଚ୍ଛିଷ୍ଟ ଗ୍ରହଣ କରିପାରୁନା । ଶାସକଶ୍ରେଣୀ ଆମକୁ ହତ୍ୟା କରିପାରେ, ମାତ୍ର ଆମର ମନୁଷ୍ୟତ୍ୱ, ନୈତିକ ସାହସ, ମନୋବଳ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ହଜାର କଣ୍ଠରେ ଗୋଟିଏ ସ୍ୱର .....

*(୨ୟ ପୃଷ୍ଠାର ଅବଶିଷ୍ଟାଂଶ)*




ଓ ସଂଗ୍ରାମୀ ତେଜକୁ ଧ୍ୱଂସ କରିପାରିବନି ।' ଏହା ବୁଝିଛୁ ବୋଲି ତ ଏତେ କଷ୍ଟ, ଝଡ, ଝଞ୍ଜାକୁ ସ୍ୱେଚ୍ଛାରେ ଗ୍ରହଣ କରି ଆସିଛୁ ଏହି ଆନ୍ଦୋଳନରେ ସାମିଲ ହେବା ପାଇଁ । ଏହି ବିକ୍ଷୋଭର ବାର୍ତ୍ତା ଯେମିତି ଘରେ ଘରେ ନପହଞ୍ଚେ, ସେଥିପାଇଁ ସେମାନେ କେତେ ଷଡଯନ୍ତ୍ର କରିଥିଲେ । ବିକ୍ଷୋଭକୁ ଭଣ୍ଡୁର କରିବାପାଇଁ ଫନ୍ଦି ଫିକର କରିଥିଲେ । ପ୍ରମୁଖ ଗଣମାଧ୍ୟମ କୌଣସି ପ୍ରଚାର ଦେଇନାହିଁ । ପୁଣି କିନ୍ତୁ ସେମାନେ ସଫଳ ହୋଇଛନ୍ତି କି ? ଏହି ପଟୁଆର ପ୍ରମାଣ କରେ, ନା ହୋଇପାରିନାହିଁ । ଇତିହାସ ପ୍ରମାଣ ଦିଏ, ସତ୍ୟର ଜୟଯାତ୍ରା ସବୁ ବାଧା ବିପତ୍ତିକୁ ପରାସ୍ତ କରି ଆଗେଇ ଚାଲିଛି, ଆଉ ଆଗେଇ ଚାଲିବ । ଏହି ଆନ୍ଦୋଳନ ମଧ୍ୟ ଆଗେଇ ଚାଲିଛି, ଆହୁରି ବହୁଦୂର ଆଗେଇ ଚାଲିବ । ଦାବି ହାସଲ ନହେବା ଯାଏ କ୍ଷାନ୍ତି ନାହିଁ, ବିରାମ ନାହିଁ । ଶାସକଶ୍ରେଣୀ ଆନ୍ଦୋଳନକୁ ଦମନ କରିବାପାଇଁ ଶତ ଚେଷ୍ଟା କଲେ ମଧ୍ୟ ଆନ୍ଦୋଳନ ଆଗେଇବ । ତୁଣ୍ଡ ବାଇଦ ସହସ୍ର କୋଷ ଭଳି ଆନ୍ଦୋଳନର ବାର୍ତ୍ତା ଓ ଶିକ୍ଷା ଘରେ ଘରେ ପହଞ୍ଚିବ, ଯେମିତି ପହଞ୍ଚିଛି ଏହି ଐତିହାସିକ ଗଣବିକ୍ଷୋଭର ବାର୍ତ୍ତା ।

ପଟୁଆର ଆଗେଇ ଚାଲିଛି ରାଜଧାନୀର ଗଗନ ପବନ ପ୍ରକମ୍ପିତ କରି । ବିକ୍ଷୋଭ ସ୍ଥଳରେ ପହଞ୍ଚିଲାବେଳେକୁ ଶେଷ ଅଂଶକୁ ଆଖି ପାଉନଥିଲା । ପ୍ରତ୍ୟେକ୍ଷଦର୍ଶୀ କେହିଜଣେ ପଥଚାରୀ ତାର ସାଥୀକୁ ପଚାରୁଛି, 'ଏତେବଡ ଏକ ର୍‍ୟାଲି ପାଇଁ ଏହି ପାର୍ଟିକୁ କେତେ ଖର୍ଚ୍ଚ କରିବାକୁ ପଡିଛି କୁହ ତ ? ୨ରୁ ୩ କୋଟି ହେବ ବୋଧେ ?' ସାଥୀ ଜଣକ ତତ୍‌କ୍ଷଣାତ ଜବାବ ଦେଇଛି, 'ଆରେ ନା ଭାଇ, ଏହି ପାର୍ଟି ଟି ଆଦାନୀ ଅମ୍ବାନୀ ଭଳି ପୁଞ୍ଜିପତିମାନଙ୍କର ଦଳ ନୁହେଁ । ଏହି ପାର୍ଟି ଆମ ଭଳି ଗରିବ, ଶୋଷିତ ମଣିଷର ପାର୍ଟି । ସାଧାରଣ ଲୋକଙ୍କ ପାଖରୁ ଅର୍ଥ ସଂଗ୍ରହ କରି ଏହି ଦଳ ସମସ୍ତ କାର୍ଯ୍ୟକ୍ରମ କରେ । ମୁଁ ମଧ୍ୟ ଆନ୍ଦୋଳନ ପାଣ୍ଠିକୁ ଦେଇଛି । ଏହି ଆନ୍ଦୋଳନକୁ ଲୋକେ ଆସିଛନ୍ତି ନିଜ ଖର୍ଚ୍ଚରେ । ଘରୁ ନିଜର ଖାଦ୍ୟ ସାଙ୍ଗରେ ଆଣିଛନ୍ତି । ପୁଣି ଆନ୍ଦୋଳନ ପାଣ୍ଠିକୁ ସାହାଯ୍ୟ ମଧ୍ୟ କରିଛନ୍ତି । ଏମାନେ ସଚେତନ, ସେଥିପାଇଁ ତ ଏତେ ଶୃଙ୍ଖଳିତ, ଏମାନଙ୍କ କଣ୍ଠସ୍ୱର ଏତେ ବଳିଷ୍ଠ ।' ପ୍ରଶ୍ନକର୍ତ୍ତା ପଥଚାରୀ ନିର୍ବାକ, ବିସ୍ମୟାଭୂତ । ଶୋଭାଯାତ୍ରାରେ ପାଦରେ ପାଦ ମିଳାଇ ଆଗେଇ ଚାଲିଥିବା ଜଣେ ବୃଦ୍ଧାଙ୍କୁ ଜୈନିକ ପୋଲିସ ଅଫିସର ପଚାରିଲେ, 'କେବେଠୁ ଏହି ର୍‍ୟାଲିରେ ଆସୁଛ ? ଆଉ କେତେଦିନ ଆସିବ ?' ବୃଦ୍ଧାଜଣକ ଗର୍ଜିଉଠି ଜବାବ ଦେଲେ, 'ଅନେକ ଥର ଆସିଛି, ଜୀବନ ଥିବା ଯାଏ ଆସିବି ।' ଏହି ଅପ୍ରତ୍ୟାଶିତ ଉତ୍ତରରେ ଅଫିସର ଜଣକ ସ୍ତମ୍ଭୀଭୂତ । ଏହି ବୟସରେ ବି କି ତେଜ !

ଯଥା ସମୟରେ ରାଜ୍ୟ ସଂପାଦକ ମଣ୍ଡଳୀର ବରିଷ୍ଠ ସଭ୍ୟ କମ୍ରେଡ ବିଷ୍ଣୁ ଦାସଙ୍କ ଅଧ୍ୟକ୍ଷତାରେ ବିକ୍ଷୋଭସଭା ଆରମ୍ଭ ହେଲା । ୧୨ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବା ନିମନ୍ତେ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ରଘୁନାଥ ଦାସ, କମ୍ରେଡ ଛବି ମହାନ୍ତି, କମ୍ରେଡ ସୁରେନ୍ଦ୍ର ମଲ୍ଲିକ ଓ କମ୍ରେଡ ବିଶ୍ୱାବସୁ ଦାସଙ୍କୁ ନେଇ ଗଠିତ ପ୍ରତିନିଧି ମଣ୍ଡଳୀର ନାମ ଘୋଷଣା କରାଗଲା । ବିକ୍ଷୋଭକାରୀମାନଙ୍କୁ ଉତ୍ସାହିତ କରିବା ପାଇଁ ଯୋଗ ଦେଇଥିଲେ ପାର୍ଟିର ପଲିଟବ୍ୟୁରୋ ସଭ୍ୟ ତଥା ପଶ୍ଚିମବଙ୍ଗ ରାଜ୍ୟ କମିଟି ସଂପାଦକ କମ୍ରେଡ୍ ଚଣ୍ଡିଦାସ ଭଟ୍ଟାଚାର୍ଯ୍ୟ । ପ୍ରଥମେ ବକ୍ତବ୍ୟ ରଖିଲେ ରାଜ୍ୟ ସଂପାଦକ ତଥା କେନ୍ଦ୍ରୀୟ କମିଟି ସଭ୍ୟ କମ୍ରେଡ ଶଙ୍କର ଦାସଗୁପ୍ତ । ଏହାପରେ ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ଅକ୍ଷୟ ଦାସ, ସଦାଶିବ ଦାସ, ନିରାକାର ପାଣ୍ଡବ, ସ୍ୱୟଂପ୍ରଭା ନାୟକ ଏବଂ ରଘୁନାଥ ଦାସ ବକ୍ତବ୍ୟ ରଖିଲେ । ବିକ୍ଷୋଭକାରୀ ଜନତା ଏତେ କ୍ଲାନ୍ତି ସତ୍ତ୍ୱେ ଏକାଗ୍ରତା ଓ ଧୈର୍ଯ୍ୟର ସହିତ ନେତୃତ୍ୱର ବକ୍ତବ୍ୟ ଶୁଣୁଥିଲେ । ସୂର୍ଯ୍ୟତାପ ମଉଳୁଥିଲା, କିନ୍ତୁ ମଉଳୁ ନଥିଲା ଜନତାର ତେଜ । ପୁଣି କଳାହାଣ୍ଡିଆ ମେଘ ଆକାଶକୁ ଢାଙ୍କି ଦେଲା, କିନ୍ତୁ ନିରାଶାର କଳାବାଦଲ ଢାଙ୍କିପାରିନଥିଲା ବିକ୍ଷୋଭକାରୀଙ୍କ ତେଜୋଦୀପ୍ତ ମୁଖମଣ୍ଡଳକୁ । ଖୋଲା ଆକାଶ ତଳେ, ପ୍ରଶସ୍ତ ରାଜରାସ୍ତା ଉପରେ ମା' ବସିଛି କୋଳରେ ଶିଶୁକୁ ଧରି, ଛାତ୍ର-ଯୁବକ, ଶ୍ରମିକ-କୃଷକ, ମହିଳା ଏପରିକି ବୃଦ୍ଧ-ବୃଦ୍ଧାମାନେ ବି ବସିଛନ୍ତି ଅବିଚଳିତ ଭାବରେ ଯୌବନର ତେଜ ନେଇ । ସଭା ଶେଷହୋଇ ଆସିଲାବେଳକୁ ଅସରାଏ ବର୍ଷା ବର୍ଷିଗଲା । ହେଲେ ସଭାସ୍ଥଳରେ ଧାଁ-ଧପଡ ନାହିଁ । ସଭା ସମାପ୍ତି ଘୋଷଣା ପର୍ଯ୍ୟନ୍ତ ଆନ୍ଦୋଳନକାରୀମାନେ ଅବିଚଳିତ ଭାବରେ ବକ୍ତାମାନଙ୍କ ବକ୍ତବ୍ୟ ଶୁଣୁଥିଲେ । ଏହା କଣ ଏମିତି ଏମିତି ଆପଣାଛାଏଁ ହୋଇଗଲା ? ନା ଏମତି ହୋଇ ନାହିଁ । ଏଥିପାଇଁ ହୋଇଛି ଦୀର୍ଘ ପ୍ରସ୍ତୁତି, ବିଭିନ୍ନ ସ୍ତରରେ ହୋଇଛି ଘନ ଘନ ପ୍ରସ୍ତୁତି ସଭା ଓ ବୈଠକ । ଲକ୍ଷ ଲକ୍ଷ ପ୍ରଚାର ପତ୍ର, ହଜାର ହଜାର ବୁଲେଟିନ ଜନସାଧାରଣଙ୍କ ମଧ୍ୟରେ ବିତରଣ ହୋଇଛି । ଅସଂଖ୍ୟ ସଭା, ଜନସଭା, ବୈଠକ ଆୟୋଜିତ ହୋଇଛି । ହଜାର ହଜାର ପ୍ରାଚୀର ଲିଖନ ହୋଇଛି । ଛପା ହୋଇଛି ହାତ ଲେଖା ପୋଷ୍ଟର ବହୁ ସଂଖ୍ୟାରେ ମରାଯାଇଛି । ପ୍ରଚାର ଅଭିଯାନକୁ ଏହିଭଳି ଭାବେ ବ୍ୟାପକ କରାଯାଇଛି । ପୁଣି ଆନ୍ଦୋଳନର ଏକ ଧାରାବାହିକତା ମଧ୍ୟରେ ଏହି ରାଜ୍ୟସ୍ତରୀୟ ବିକ୍ଷୋଭର ଆୟୋଜନ ହୋଇଛି । ଗାଁ ସହରର କେତେ ସଭା, ଜନସଭା, ପଥପ୍ରାନ୍ତ ସଭାରେ ଏହିମାନେ ହିଁ ତ ଶ୍ରୋତା । ରାଜ୍ୟସ୍ତରୀୟ ବିକ୍ଷୋଭ ପୂର୍ବରୁ କେତେ ଜିଲ୍ଲା ତଥା ଆଞ୍ଚଳିକ ସ୍ତରରେ ହୋଇଥିବା ଆନ୍ଦୋଳନରେ ଏମାନଙ୍କ ମଧ୍ୟରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଳନ କରିଛନ୍ତି ବା ସକ୍ରିୟଭାବେ ଅଂଶଗ୍ରହଣ କରିଛନ୍ତି । ପୁଣି ଅନେକ ନବାଗତ ବି ଆସିଛନ୍ତି ଯେଉଁମାନେ ଏଠିକାର ଶୃଙ୍ଖଳାକୁ ଲକ୍ଷ୍ୟ କରୁଛନ୍ତି, ଆଉ ମଧ୍ୟ ଶିଖୁଛନ୍ତି । ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ ଦେଇ ଏହି ବିକ୍ଷୋଭକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଛନ୍ତି ।

ବିକ୍ଷୋଭସଭା ଆଗେଇ ଚାଲିଥାଏ । ସଭାସ୍ଥଳର ସମ୍ମିଳିତ ଜନସ୍ରୋତକୁ ଦେଖିଲେ ଯେକେହି କହିବ ଏ ଏକ ଭିନ୍ନ ଜନପଦ । ଏଠି ନାହିଁ ଜାତି, ଧର୍ମ, ଆଂଚଳିକତାର ପ୍ରାଚୀର । ପ୍ରକୃତ ଆନ୍ଦୋଳନ ହିଁ ମଣିଷ ମଧ୍ୟରେ ଏକ ନୂତନ ପ୍ରାଣର ସଂଚାର କରେ । ମଣିଷକୁ ଏକ ଭିନ୍ନ ମଣିଷ ବନାଇ ଦିଏ । ସେହି ସତ୍ୟର ପ୍ରତିଛବି ଯେମିତି ଏଠି ପ୍ରତୀୟମାନ ହେଉଥିଲା ।

ଗଣବିକ୍ଷୋଭର ୧୨ଦଫା ଦାବି ଜାତି, ଧର୍ମ, ସଂପ୍ରଦାୟ, ଅଂଚଳ ବା କୌଣସି ଦଳୀୟ ଲୋକର ସ୍ୱାର୍ଥ ଉର୍ଦ୍ଧ୍ୱରେ ଥିଲା ସମସ୍ତ ଶୋଷିତ ମଣିଣର ଦାବି । ପୁଣି ଭୋଟ ଜରିଆରେ ନୁହେଁ କିମ୍ବା ସରକାର ପରିବର୍ତ୍ତନ କରି ନୁହେଁ, ଦାବି ହାସଲର ଏକମାତ୍ର ପଥ ହେଲା ଜନଗଣଙ୍କର ସଚେତନ ସଂଗଠିତ ଐକ୍ୟବଦ୍ଧ ଗଣଆନ୍ଦୋଳନ । ସେଥିପାଇଁ ଅନ୍ୟ ସମସ୍ତ ରାଜନୈତିକ ଦଳ, ଏପରିକି ନିଜକୁ ବାମପନ୍ଥୀ ବୋଲାଉଥିବା ଦଳମାନେ ଭୋଟର ଅଙ୍କ କଷୁଥିଲାବେଳେ ଦେଶର ଏକମାତ୍ର ସଠିକ ଓ ଲଢୁଆ କମ୍ୟୁନିଷ୍ଟ ପାର୍ଟି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ନେତା କର୍ମୀମାନେ ଏହି ସତ୍ୟଟିକୁ ଜନଗଣଙ୍କୁ ବୁଝାଇବାପାଇଁ ଅକ୍ଳାନ୍ତ ପରିଶ୍ରମ କରିଛନ୍ତି । ଜନଗଣ ଏହା ଦେଖିଛନ୍ତି । ଏହି ସତ୍ୟକୁ ବୁଝିଛନ୍ତି ଏବଂ ବୁଝି ଏହି ବିକ୍ଷୋଭରେ ଯୋଗ ଦେବାକୁ ଆସିଛନ୍ତି ।

ସଭାସ୍ଥଳରୁ ଦଳର ନେତୃତ୍ୱ ପକ୍ଷରୁ ଜନଗଣଙ୍କୁ ଆହ୍ୱାନ ଦେଇ କୁହାଯାଇଛି, ନିଜର ଅଭିଜ୍ଞତା ସହ ମିଳାଇ ଦେଖ, ଆମ କଥା ସଠିକ କି ନୁହେଁ । ଦେଶର ବିକାଶ ହେଉଛି ବୋଲି ଡିଣ୍ଡିମ ପିଟା ଚାଲିଛି । ତେବେ ଏହା କାହାର ବିକାଶ ? ଆଦାନୀ କମ୍ପାନୀ ବର୍ତ୍ତମାନ ବିଶ୍ୱର ୩ ନମ୍ବର ଧନୀ । କେତେବେଳେ ପୁଣି ୨ ନମ୍ବର ସ୍ଥାନକୁ ଚାଲିଯାଉଛି । ୧ନମ୍ବର ହେବାର ସ୍ୱପ୍ନ ବି ଦେଖୁଛି । ଆଉ ଦେଶର ଗରିବ ଜନସାଧାରଣ କେତେ ନମ୍ବର ସ୍ତରରେ ଅଛନ୍ତି ? ୟୁଏନଡିପି(ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ) ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୨୧ମସିହାର ମାନବ ବିକାଶ ସୂଚନାଙ୍କରେ ୧୯୧ ଦେଶଙ୍କ ମଧ୍ୟରୁ ଭାରତର ସ୍ଥାନ ୧୩୨ । ଅର୍ଥାତ୍ ଭାରତ ମାନବ ବିକାଶ କ୍ଷେତ୍ରରେ ୧୩୧ଟି ଦେଶ ପଛରେ ଅଛି । ଖାଲି କଣ ଆଦାନୀ ? ତା'ପଛକୁ ଅଛି ଅମ୍ବାନୀ, ଏହିଭଳି କେତେଜଣ ଏକଚାଟିଆ ପୁଞ୍ଜିପତି ଶ୍ରେଷ୍ଠ ୧୦ଜଣ ଧନୀଙ୍କ ମଧ୍ୟରେ ଅଛନ୍ତି । ଏହି କରୋନା ମହାମାରି ସମୟରେ ମଧ୍ୟ ଦେଶର ୩୦ଜଣ ନୂଆ ଆରବପତି ସୃଷ୍ଟି ହୋଇଛନ୍ତି । ଏଣେ ଗରିବ ଆହୁରି ଗରିବ ହୋଇଛି । ମଧ୍ୟବିତ୍ତଙ୍କ ସଂଖ୍ୟା ଯାହାଥିଲା ତାହା ହ୍ରାସ ପାଇ ଅଧା ହୋଇଯାଇଛି । ଅର୍ଥାତ୍ ଏହି ଅର୍ଦ୍ଧେକ ମଧ୍ୟବିତ୍ତ ଗରିବ ତାଲିକାରେ ନାମ ଲେଖାଇ ଗରିବଙ୍କ ସଂଖ୍ୟା ବୃଦ୍ଧି କରିଛନ୍ତି । ୟୁଏନ୍‌ଡିପି ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ ବିଶ୍ୱର ସର୍ବାଧିକ ଭୋକିଲା, ଗରିବ, ବାସହୀନ ଓ ଯାଯାବର ଶ୍ରମିକ ବା ଦାଦନ ଏହି ଭାରତରେ ଅଛନ୍ତି । ଲୋକଙ୍କର ଆୟ କମୁଛି । କିନ୍ତୁ ମୁଷ୍ଟିମେୟ ପୁଞ୍ଜିପତିମାନଙ୍କର ଆୟ ମାରାତ୍ମକଭାବେ ବୃଦ୍ଧି ପାଉଛି । ଏହି କରୋନା ମହାମାରି ସମୟରେ ମଧ୍ୟ ମୁକେଶ ଅମ୍ବାନୀର ଆୟ ମିନିଟକୁ ୬୦କୋଟି ଟଙ୍କା ହେଉଥିଲା । ସଦ୍ୟ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଗୌତମ ଆଦାନୀର ପ୍ରତିଦିନର ଆୟ ୧ଲକ୍ଷ ୬ହଜାର ୧୨କୋଟି ଟଙ୍କା । କିଛି କୁହନ୍ତି ଏହା ସେମାନଙ୍କର ଭାଗ୍ୟ । ଏହା କଣ ସତ ? ନା ସରକାରଙ୍କ ପୁଞ୍ଜିପତି ତୋଷଣ ଓ ଗରିବ ମାରଣ ନୀତିର ଏହା ପରିଣତି । କି କେନ୍ଦ୍ର, କି ରାଜ୍ୟ ସବୁ ସରକାରଙ୍କର ତ ସେହି ଗୋଟିଏ ନୀତି, ଗରିବର ପକେଟ କାଟି ଧନୀର ପକେଟ ଭରିବା ଝିଣ୍ଟିକା ମାରି ବଣି ପୋଷିବା । କେନ୍ଦ୍ରର ମୋଦି ସରକାର ଓ ରାଜ୍ୟର ନବୀନ ସରକାର ଦିନ ରାତି ତ ଏହି କାମ କରିବାରେ ବ୍ୟସ୍ତ । ଗତ ପାଞ୍ଚବର୍ଷ ମଧ୍ୟରେ କେନ୍ଦ୍ର ସରକାର ଏକ ଚାଟିଆ ପୁଞ୍ଜିପତିମାନଙ୍କ ୫ଲକ୍ଷ କୋଟି ଟଙ୍କାର ଟିକସ ଛାଡ କରିଛନ୍ତି । ଏଣେ ସାଧାରଣ ଲୋକଙ୍କ ଉପରେ ଜିଏସ୍‌ଟି ମାଡ । ଏହି ସେପ୍ଟେମ୍ବର ମାସର ରିପୋର୍ଟ ଅନୁଯାୟୀ ଜି.ଏସ୍.ଟି ଆଦାୟ ୨୬ପ୍ରତିଶତ ବୃଦ୍ଧି ପାଇଛି । ମୋଟ ଆଦାୟ ହୋଇଛି ୧ଲକ୍ଷ ୪୭ହଜାର ୫୫୬ କୋଟି ଟଙ୍କା । ରାଜ୍ୟର ଜିଏସ୍‌ଟି ଆଦାୟ ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଛି । ଏତିକିରେ ବି ଗରିବର ରକ୍ତ ପିଇବାର ତୃଷ୍ଣା ମେଣ୍ଟି ନାହିଁ । ଆହୁରି ଜିଏସ୍‌ଟି ବଢାଇବାର ମସୁଧା ଚାଲିଛି । ଗତ ପାଞ୍ଚବର୍ଷ ମଧ୍ୟରେ ଏକଚାଟିଆ ପୁଞ୍ଜିପତିମାନଙ୍କୁ ୧୦ଲକ୍ଷ କୋଟି ଟଙ୍କାର ଋଣ ଛାଡ କରାଯାଇଛି । କିନ୍ତୁ ସାଧାରଣ ଲୋକଙ୍କ ଋଣ ଉପରେ ଅଧିକରୁ ଅଧିକ ସୁଧର ବୋଝ ଲଦି ଦିଆଯାଇଛି ଓ ବଳପୂର୍ବକ ଆଦାୟ କରାଯାଇଛି । ଏହା ହିଁ ତ ପୁଞ୍ଜିପତି ଶ୍ରେଣୀର ସେବାଦାସ ସରକାରମାନଙ୍କର ନୀତି । ଫଳରେ ସାଧାରଣ ଲୋକଙ୍କର ବଂଚିବା ଆଜି ଅସମ୍ଭାଳ । ଦେଶରେ ପୃଷ୍ଟିହୀନତାର ଶୀକାର ହେଇଥିବା ଲୋକଙ୍କ ସଂଖ୍ୟା ୨୦୨୧ ମସିହା ରିପୋର୍ଟ ଅନୁଯାୟୀ ୨୨.୪୩ କୋଟି । ବର୍ତ୍ତମାନର ରିପୋର୍ଟ ଓ ବାସ୍ତବ ଚିତ୍ର ଆହୁରି ମର୍ମାନ୍ତିକ ହେବ । ଏହି ଭାରତରେ ଦାଦନ ଶ୍ରମିକଙ୍କ ସଂଖ୍ୟା ୧.୪ରୁ ୧.୮ କୋଟି ଯାହା ବିଶ୍ୱର ସର୍ବାଧିକ । କର୍ମକ୍ଷମ ଲୋକଙ୍କର ଅଧାରୁ ଅଧିକ ସଂପୂର୍ଣ୍ଣ ବେକାର । ଯିଏ ବି କାମ

*(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)*

## ହଜାର କଣ୍ଠରେ ଗୋଟିଏ ସ୍ୱର .....

(୩ୟ ପୃଷ୍ଠାର ଅବଶିଷ୍ଟାଂଶ)

ପାଇଛି, ତା'ବି ସୁତା ଖିଅରେ ଝୁଲୁଛି । ପରିସ୍ଥିତି ଏତେ ଭୟାବହ ଯେ, ଖୋଦ ସରକାର ପାର୍ଲିଆମେଣ୍ଟରେ ଦେଇଥିବା ବିବୃତ୍ତି ଅନୁଯାୟୀ ଦେଶର ୪ଜଣଙ୍କ ମଧ୍ୟରୁ ଜଣେ ମାନସିକ ଅବସାଦରେ ଭୋଗୁଛନ୍ତି । ସର୍ବସ୍ତରରେ ଆତ୍ମହତ୍ୟା ବେଦନାଦାୟକ ଭାବେ ବଢିଚାଲିଛି । ୨୦୨୧ ରିପୋର୍ଟ ଅନୁଯାୟୀ ଦେଶରେ ଦିନକୁ ପ୍ରାୟ ୪୫୦ ଏବଂ ପ୍ରତି ଘଣ୍ଟାରେ ପ୍ରାୟ ୧୮ଜଣ ଆତ୍ମହତ୍ୟା କରୁଛନ୍ତି । ରିପୋର୍ଟ ଯାହାବି ହେଉ, ବାସ୍ତବତା ଆହୁର କରୁଣ । ଏହିଭଳି ପରିସ୍ଥିତିରେ ସାଧାରଣ ଲୋକଙ୍କ ପାଇଁ ସାମାନ୍ୟ ଟିକେ ରିହାତି ବି ନାହିଁ, ବରଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ଅମାନବିକ ନିଷ୍ଠୁର ପଦକ୍ଷେପମାନେ ନେଇ ଚାଲିଛନ୍ତି । ଦରଦାମ ବୃଦ୍ଧିର କୌଣସି ବାଡବତା ନାହିଁ । ପ୍ରତିଦିନ ସକାଳେ ଦରବୃଦ୍ଧିର ଖବର । ସାଧାରଣ ଲୋକ ଦୁଃଖରେ କହୁଛି , ଏ ରାତି ନ ପାହିଥିଲେ ଭଲ ହୋଇଥାନ୍ତା । ସମସ୍ତ ଜିନିଷ ଏପରିକି ଚୁଡା, ମୁଢି, କ୍ଷୀର, ଦହି, ଶିଶୁ ଖାଦ୍ୟ, ଔଷଧ ଉପରେ ଜିଏସ୍‌ଟି ବସିବା ଯୋଗୁ ଏହି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଗୁଡିକର ଦରବୃଦ୍ଧି ଆକାଶ ଛୁଆଁ । ଶିକ୍ଷା ସ୍ୱାସ୍ଥ୍ୟ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ । ରାଜ୍ୟରେ ୧୪ହଜାର ୭୭୯ ସରକାରୀ ପ୍ରାଥମିକ ସ୍କୁଲ ବନ୍ଦ । ଥିଲାବାଲା ପାଇବେ ଶିକ୍ଷା ଆଉ ଗରିବ ଘରର ପିଲା ହେବେ ମୁର୍ଖ । ଶିକ୍ଷାକୁ ସଂପୂର୍ଣ୍ଣ ଧ୍ୱଂସ କରିବାପାଇଁ ତ ଆସିଛି ଜାତୀୟ ଶିକ୍ଷାନୀତି-୨୦୨୦ । ବିଜୁଳି ଶୁଳ୍କ ଯେଭଳି ବୃଦ୍ଧି ପାଉଛି ଓ ଟାଟା କମ୍ପାନୀ ହାତରେ ବିଜୁଳି ଚାଲିଯିବା ପରେ ଯେଉଁଭଳି ଅବ୍ୟବସ୍ଥା ଓ ଜୁଲୁମ ଚାଲିଛି, ବୋଧେ ସାଧାରଣ ଲୋକ ପକ୍ଷରେ ବିଜୁଳି ବ୍ୟବହାର କରିବା ଆଉ ସମ୍ଭବ ହେବ ନାହିଁ ।

ଠିକ୍ ଚାଷବେଳେ ସାରର କଳାବଜାର, ବିହନ, କୀଟନାଶକ ସାମଗ୍ରୀର ଅହେତୁକ ଦରବୃଦ୍ଧି । ଚାଷ କରି ଚାଷୀ କମ୍ପାନୀ ଓ ମିଲମାଲିକମାନଙ୍କ ଦୁଆରେ ଭିକ୍ଷାଥାଳ ଧରି ଠିଆ ହୋଇଛି । ସେ ସେମାନଙ୍କ ଦୟାର ପାତ୍ର । ସରକାରୀ ମଣ୍ଡି ନାହିଁ କି ଶୀତଳ ଭଣ୍ଡାର ନାହିଁ । ପ୍ରତିବର୍ଷ ଅଭାବୀ ବିକ୍ରି । ପୁଣି ବନ୍ୟା ଓ ମରୁଡିର ବିପତ୍ତି । ଚାଷୀ ଆଜି ହନ୍ତସନ୍ତ । ଦେଶଟା ଶିକ୍ଷିତ ଅଶିକ୍ଷିତ ବେକାରରେ ଭରିଗଲାଣି । କ୍ରୀତଦାସ ଭଳି ପିଲାଠୁ ବୁଢା, ସମସ୍ତେ 'ମଣିଷ ହାଟ'ରେ ଠିଆ ହୋଇ ଆକୁଳ ଭାବେ କ୍ରେତା ଖୋଜୁଛନ୍ତି । କାମପାଇଁ ହାହାକାର । ସ୍ଥାୟୀ ନିଯୁକ୍ତି ଠପ । ସର୍ବତ୍ର ଅମାନବୀୟ ଠିକା ପ୍ରଥାରେ ନିଯୁକ୍ତି ଚାଲିଛି । ରେଳ, ବ୍ୟାଙ୍କ, ବୀମା ସମେତ ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଘରୋଇକରଣ କରାଯାଉଛି । ଯେଉଁ ସାମାନ୍ୟ ସୁବିଧା ସୁଯୋଗ, ନିଯୁକ୍ତିର ସମ୍ଭାବନା ଥିଲା ତା' ସଂପୂର୍ଣ୍ଣ ବନ୍ଦ । ପାଚିକା, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ସରକାରଙ୍କର ସବୁ କାମ କରନ୍ତି । ଏପରିକି ନିଜ ଜୀବନକୁ ବାଜି ଲଗାଇ କରୋନା ମହାମାରୀବେଳେ କାମ କଲେ, ଅନେକ ଦୟନୀୟ ଭାବେ ମଲେ । ତଥାପି ସେମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ମିଳିଲା ନାହିଁ କି ସେମାନଙ୍କର କୌଣସି ସାମାଜିକ ସୁରକ୍ଷା ନାହିଁ । ମାସିକ ସର୍ବନିମ୍ନ ୨୬ହଜାର ଟଙ୍କା ପ୍ରଦାନର ଦାବି ମଧ୍ୟ ଉପେକ୍ଷିତ । ନିର୍ମାଣ ଶ୍ରମିକମାନଙ୍କର ମଧ୍ୟ ନାହିଁ ନଥିବା ସମସ୍ୟା । କରୋନା ମହାମାରୀ ସମୟରେ କରୋନା ସହାୟତା ଟଙ୍କା ପାଇବାରେ ଲକ୍ଷ ଲକ୍ଷ ଲୋକ ବଂଚିତ ହେଲେ । ଆଜି ପର୍ଯ୍ୟନ୍ତ ସେହି ସହାୟତା ଯୋଗାଇ ଦେବାପାଇଁ କାହାର ସେପରି କୌଣସି ଉତ୍ସାହ ନାହିଁ । ଶ୍ରମ ଅଫିସମାନଙ୍କରେ ଭିଡ କମାଇବା ଆଳରେ ସରକାର ଆଉ ପାଦେ ଆଗେଇଯାଇ ଅନଲାଇନ୍ ବ୍ୟବସ୍ଥା କରିଛନ୍ତି । ଶ୍ରମିକମାନଙ୍କର ଅନ୍ୟାନ୍ୟ ସହାୟତା ପାଇବାପାଇଁ ଜନସେବା କେନ୍ଦ୍ରକୁ କେନ୍ଦ୍ର ଘୁରି ବୁଲିବା ସାର ହେଉଛି । ନିର୍ମାଣ ଶ୍ରମିକମାନଙ୍କର ନିଜ ଅଧିକାରରୁ ବଂଚିତ କରିବାପାଇଁ ଅନ୍‌ଲାଇନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ଯାହାଫଳରେ ବଳକା ରହୁଥିବା କୋଟି କୋଟି ଟଙ୍କା ବାଟମାରଣ ହେବାର ଦ୍ୱାର ସରକାରଙ୍କ ପାଇଁ ଉନ୍ମୁକ୍ତ ରହିବ । ସହରାଞ୍ଚଳ ବସ୍ତିବାସିନ୍ଦାଙ୍କ ଦୁଃଖ ବି ଅବର୍ଣ୍ଣନୀୟ । ଯେକୌଣସି ସମୟରେ ଉଚ୍ଛେଦ ଚାଲିଛି । ସେମାନଙ୍କୁ ବାସପଯୋଗୀ ଘର ଡିହ ଟିଏ ମଧ୍ୟ ଯୋଗାଇ ଦିଆଯାଉ ନାହିଁ । ପୁଣି ଉପଯୁକ୍ତ ଥଇଥାନ ବିନା ଅଭୟାରଣ୍ୟ ତଥା ଅନ୍ୟାନ୍ୟ ପ୍ରକଳ୍ପ ନାଁ ରେ ବନ୍ଧୁକମୁନରେ ଚାଲିଛି ବିସ୍ଥାପନ । ବର୍ଷ ବର୍ଷ ଧରି ଚାଷ କରୁଥିବା ଲୋକଙ୍କର ନା ଅଛି ଜମି ପଟ୍ଟା ନା ଅଛି ଘର ଡିହ । ଏହାରି ସୁଯୋଗରେ ଲୋକଙ୍କୁ ବାସ୍ତୁହରା କରିବାପାଇଁ ଆସିଛି ଜଙ୍ଗଲ ଆଇନ ସଂଶୋଧନ ନିୟମାବଳୀ-୨୦୨୦ । ଲୋକେ ସୀମାହୀନ ସମସ୍ୟା ଘେରରେ ପେଷି ହେଉଥିବାବେଳେ ଖୋଲା ଚାଲିଛି ବିଶାଳ ବିଶାଳ ମଦ ଡିପୋ, ଘରେ ଘରେ ମଦ ପହଞ୍ଚାଇବାର ବ୍ୟାପକ ଉଦ୍ୟୋଗ । ପୁଣି ବିଭିନ୍ନ ଗଣମାଧ୍ୟମ ତଥା ମୋବାଇଲ, ଇଣ୍ଟରନେଟରେ ଚାଲିଛି ଅଶ୍ଳୀଳତା, ନଗ୍ନତା ଓ ଅପସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର । ନାରୀ ଆଜି ସବୁଠି ଅସୁରକ୍ଷିତ । ତା'ର ନିରାପତ୍ତା ସାଂଘାତିକଭାବେ ବିଘ୍ନିତ । ଗଣତାନ୍ତ୍ରିକ ଅଧିକାର, ରୀତି ନୀତି ସଂପୂର୍ଣ୍ଣ ଭୂଲୁଣ୍ଠିତ । ଏଣେ ସାଂପ୍ରଦାୟିକ, ଫାସିବାଦୀ ଶକ୍ତିମାନେ ଶୋଷିତ ମଣିଷର ଐକ୍ୟକୁ ବିନଷ୍ଟ କରିବାପାଇଁ ଧର୍ମ, ଜାତି, ସଂପ୍ରଦାୟ ନାଁରେ ଭିଆଇ ଚାଲିଛନ୍ତି ନୃଶଂସ ଭାତୃଘାତୀ ସଂଘର୍ଷ, ଗଣହତ୍ୟା, ଗଣଧର୍ଷଣ, ଲୁଟତରାଜ । ଏହିଭଳି ପରିସ୍ଥିତିରେ ସାଧାରଣ ଲୋକଙ୍କ ନିକଟରେ କିଏ ଅଛି ? କେନ୍ଦ୍ର ସରକାରରେ ଥିବା ବିଜେପି ଓ ଏହାର ସହଯୋଗୀ ଦଳ, ରାଜ୍ୟ ସରକାରରେ ଥିବା ବିଜେଡି ବା ବିଭିନ୍ନ ରାଜ୍ୟରେ ଥିବା ଅନ୍ୟାନ୍ୟ ଆଂଚଳିକ ଦଳ ଏପରିକି ନିଜକୁ ବାମପନ୍ଥୀ ବୋଲାଉଥିବା ଦଳମାନେ ? ସମସ୍ତଙ୍କର ତ ନୀତି ସମାନ । ଦୀର୍ଘଦିନ ଧରି ପୁଞ୍ଜିପତିମାନଙ୍କର ସେବା କରିଥିବା କଂଗ୍ରେସ ଦଳର ନୀତି ସହିତ ଏମାନଙ୍କର କୌଣସି ପାର୍ଥକ୍ୟ ଅଛି କି ? ଲୋକେ ହିଁ କହୁଛନ୍ତି, ନା । ସମସ୍ତେ ଗୋଟିଏ ଲାଉର ମଞ୍ଜି । ତେବେ କଣ ଏହି ସମସ୍ୟାର ସମାଧାନ ନାହିଁ । ଏହାର କୌଣସି ପ୍ରତିକାର ନାହିଁ ? ଶୋଷିତ ମଣିଷର ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କୁହେ, ହଁ ଅଛି । ସମାଧାନର ଚାବିକାଠି ରହିଛି ଶୋଷିତ ମଣିଷର ହାତରେ । ଶୋଷିତ ମଣିଷକୁ ସଚେତନ ସଂଗଠିତ ହେବାକୁ ପଡିବ । ସବୁ ସମସ୍ୟାର ମୂଳ କାରଣ ଏହି ପୁଞ୍ଜିବାଦୀ ବ୍ୟବସ୍ଥାକୁ ବୁଝିବାକୁ ହେବ । ପୁଞ୍ଜିବାଦ ବିରୋଧୀ ସମାଜତାନ୍ତ୍ରିକ ବିପ୍ଳବ ସଂପନ୍ନ କରି ସମାଜବାଦୀ ସମାଜ ପ୍ରତିଷ୍ଠା ମଧ୍ୟରେ ହିଁ ନିହିତ ଅଛି ସବୁ ସମସ୍ୟାର ସମାଧାନ । ତେବେ ଏହା ପୂର୍ବରୁ ଦୀର୍ଘ ପଥ ଅତିକ୍ରମ କରିବାକୁ ହେବ । ଏହି ବିପ୍ଳବର ପରିପୂରକ ଗଣତାନ୍ତ୍ରିକ ଆନ୍ଦୋଳନ ଲଗାତର ଭାବେ ଗଢିତୋଳିବାକୁ ପଡିବ । ଏହା ମଧ୍ୟ ଦେଇ ଜନସାଧାରଣଙ୍କର ବିକଳ୍ପ ଲଢେଇର ହତିଆର ଗଢତୋଳିବାକୁ ହେବ । ସେଥିପାଇଁ ନେତୃତ୍ୱକାରୀ ବିପ୍ଳବୀ ପାର୍ଟି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)କୁ ଶକ୍ତିଶାଳୀ କରିବାକୁ ହେବ ଓ ବିପ୍ଳବର ପଥପ୍ରଦର୍ଶକ ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାକୁ ଆୟତ୍ତ କରି ନିଜକୁ ଶିକ୍ଷିତ କରିବାକୁ ପଡିବ । ଏହି ଉଦ୍ଦେଶ୍ୟ ପୂରଣର ଲକ୍ଷ୍ୟ ନେଇ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସମଗ୍ର ଦେଶରେ ଶକ୍ତିଶାଳୀ ଏପରିକି ରକ୍ତକ୍ଷୟୀ ଆନ୍ଦୋଳନ ଗଢିତୋଳୁଛି । ଏହି ଆନ୍ଦୋଳନର ଅଙ୍ଗଭାବେ ହିଁ ୨୯ ସେପ୍ଟେମ୍ବର ରାଜ୍ୟସ୍ତରୀୟ ଗଣବିକ୍ଷୋଭର ଆହ୍ୱାନ । ଜନଗଣ ପାର୍ଟିର ଆହ୍ୱାନକୁ ଅନ୍ତରରେ ଗ୍ରହଣ କରିଛନ୍ତି । ପାର୍ଟିର ବକ୍ତବ୍ୟକୁ ଅଳ୍ପେ ବହୁତେ ବୁଝିଛନ୍ତି । ଆଉ ଏହି ବିକ୍ଷୋଭକୁ ସଫଳ କରିବାପାଇଁ ସମସ୍ତପ୍ରକାର ଦାୟିତ୍ୱ ପାଳନ କରି ରାଜଧାନୀକୁ ଛୁଟି ଆସିଛନ୍ତି । ଏହି ଐତିହାସିକ ଗଣବିକ୍ଷୋଭର ସଫଳତା ପଛରେ ହିଁ ରହିଛି ଏହି ସତ୍ୟର ଅମୋଘ ଶକ୍ତି ।

ବିକ୍ଷୋଭ ସ୍ଥଳରେ ଜନତାଙ୍କ ମୁଖମଣ୍ଡଳରେ ଏକ ନୂତନ ଆଭା, ଏକ ନୂତନ ଭାଷା । ବକ୍ତାଗଣଙ୍କ ବକ୍ତବ୍ୟ ଚାଲିଛି । ପ୍ରତିନିଧି ମଣ୍ଡଳୀ ଫେରି ଆସିଛନ୍ତି । ମୁଖ୍ୟମନ୍ତ୍ରୀଙ୍କର ସମୟ ନାହିଁ । ବଡ ବଡ କମ୍ପାନୀ ସେବାରେ ତ ତାଙ୍କର ସମୟ ନିଅଣ୍ଟ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜନୈକ ଶାସନ ସଚିବଙ୍କୁ ଦାବିପତ୍ର ଦେବାକୁ ପଡିଲା । ରାଜ୍ୟ ସଂପାଦକଙ୍କ ସେହି ଉଦାତ୍ତ ଆହ୍ୱାନ ସର୍ବତ୍ର ଗୁଞ୍ଜରିତ ହେଉଥିଲା, ଏ ଆନ୍ଦୋଳନ ଶେଷ ନୁହେଁ, ଏକ ପର୍ଯ୍ୟାୟ, ଆଉ ଏକ ଶକ୍ତିଶାଳୀ ଆନ୍ଦୋଳନର ଆରମ୍ଭ ମାତ୍ର । ଏକ ଧାରାବାହିକ ଆନ୍ଦୋଳନ ମାଧ୍ୟମରେ ସଂଗଠିତ ହୋଇଥିବା ଏହି ରାଜ୍ୟସ୍ତରୀୟ ବିକ୍ଷୋଭର ଧାରାବାହିକତା ବଜାୟ ରଖିବାକୁ ପଡିବ । ଗ୍ରାମେ ଗ୍ରାମେ ସହରେ ସହରେ, ପଞ୍ଚାୟତ, ବ୍ଲକ୍ ସ୍ତରରେ ଲକ୍ଷ ଲକ୍ଷ ଲୋକଙ୍କୁ ସାମିଲ କରି ଏହି ଆନ୍ଦୋଳନକୁ ଆହୁରି ତୀବ୍ର ଓ ବ୍ୟାପକ କରିବାକୁ ପଡିବ । ଏହି ରାଜ୍ୟସ୍ତରୀୟ ବିକ୍ଷୋଭ ଏଥିପାଇଁ ନିଶ୍ଚିତ ଶକ୍ତି ଓ ପ୍ରେରଣା ଯୋଗାଇବ । ଏହାରି ମଧ୍ୟରେ ହିଁ ରହିଛି ଏହି ବିକ୍ଷୋଭର ସଫଳତା । ଦାବି ହାସଲର ଏହା ହିଁ ଏକମାତ୍ର ପଥ । ମର୍ଯ୍ୟାଦାର ସହ ବଂଚିବାର ବି ଏହା ହିଁ ଏକମାତ୍ର ପଥ । ତେଣୁ ପରବର୍ତ୍ତୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଭାବେ **ନଭେମ୍ବର ୧ରୁ ୭ ରାଜ୍ୟବାପୀ ଦାବି ସପ୍ତାହ ପାଳନ କରି ଶକ୍ତିଶାଳୀ ଆନ୍ଦୋଳନ ଗଢତୋଳିବାକୁ ନେତୃତ୍ୱ ତରଫରୁ ଘୋଷଣା କରାଗଲା ।**

ବିକ୍ଷୋଭର ସମୟ ଶେଷ ହୋଇ ଆସୁଥିଲା । କିନ୍ତୁ ଶେଷ ହୋଇନଥିଲା ବିକ୍ଷୋଭକାରୀ ଜନତାଙ୍କ ଉତ୍ସାହ ଉଦ୍ଦୀପନା । ବର୍ଷା ଭିଜାଇ ଦେଇଛି ସମସ୍ତଙ୍କ ଶରୀର, କିନ୍ତୁ ଲିଭାଇ ପାରିନି ଭିତରେ ଜଳୁଥିବା ପ୍ରତିବାଦର ନିଆଁକୁ । ଲୋକେ ଫେରି ଯାଉଛନ୍ତି ଅମିତ ତେଜ ନେଇ । ସଂକଳ୍ପ ଆହୁରି ତୀବ୍ର ହୋଇଛି । ସବୁରି ମୁହଁରେ ଗୋଟିଏ କଥା, ଏ ଆନ୍ଦୋଳନର ଶେଷ ନାହିଁ । ଶୋଷିତ ମଣିଷର ଜୟ ସୁନିଶ୍ଚିତ । ଦିଲ୍ଲୀର ଐତିହାସିକ ବିଜୟମଣ୍ଡିତ କୃଷକ ଆନ୍ଦୋଳନର ଶାଣିତ ଧ୍ୱନୀ 'ଆମେ ଲଢିବୁ, ଆମେ ଜିତିବୁ' ସବୁରି କଣ୍ଠରେ ଯେମିତି ପ୍ରତିଧ୍ୱନିତ ହେଉଥିଲା ।

୨୯ସେପ୍ଟେମ୍ବର ରାଜସ୍ତରୀୟ ଗଣବିକ୍ଷୋଭ ଶେଷ ହେଲା । କିନ୍ତୁ ରଖିଗଲା ବହୁ ଆବେଗଭରା ସ୍ମୃତି, ସମୃଦ୍ଧ ଅନୁଭୂତି, ବିପ୍ଳବୀ ଶିକ୍ଷା ଓ ଆଗାମୀ ବୃହତ୍ତର ଆନ୍ଦୋଳନ ସମ୍ମୁଖରେ ଏକ ପ୍ରେରଣାଦାୟୀ ଜୀବନ୍ତ ଆଲେଖ୍ୟ । ★★★



# ଶ୍ରମିକ ଶ୍ରେଣୀ ସ୍ୱାର୍ଥ ବିରୋଧି ଶ୍ରମକୋର୍ଡ ବ୍ୟବସ୍ଥା- ଏକ ଦୃଷ୍ଟିପାତ

ବିଗତ ଶତାବ୍ଦିର ନବେଦଶକର ପ୍ରାରମ୍ଭରେ ସମାଜବାଦୀ ସୋଭିଏତ୍ ୟୁନିୟନରେ ସମାଜବାଦର ବିପର୍ଯ୍ୟୟ ଓ ଏକଦା ଅତ୍ୟନ୍ତ ଶକ୍ତିଶାଳୀ ବିଶ୍ୱ ସମାଜବାଦୀ ଶିବିରର ଦୁଃଖଦ ବିଲୟ ଘଟିଥିଲା । ଏହାପରେ ଆମେରିକା ନେତୃତ୍ୱରେ ଏକମେରୁ ବିଶିଷ୍ଟ ବିଶ୍ୱରେ ଜଗତିକରଣ, ଘରୋଇକରଣ, ଉଦାରିକରଣ ନୀତି ଲାଗୁ କରାଗଲା । ୧୯୯୧ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ଦେଶରେ ଏହି ଆର୍ଥିକନୀତି ପ୍ରଚଳନ କଲେ । ଏହାଫଳରେ ସରକାର ପୂର୍ବରୁ ଯାହାବି ସାମାନ୍ୟ ଜନମଙ୍ଗଳକାରୀ ପଦକ୍ଷେପ ଗ୍ରହଣ କରୁଥିଲେ ସେଥିରୁ ପର୍ଯ୍ୟାୟକ୍ରମେ ଓହରିଗଲେ । ସରକାରୀ ଉଦ୍ୟୋଗ, ବ୍ୟାଙ୍କ, ବୀମା ଭଳି ବିଭିନ୍ନ ସଂସ୍ଥାର ଘରୋଇକରଣ ପ୍ରକ୍ରିୟା ଆରମ୍ଭ ହେଲା । ରେଳ, ବିମାନସେବା ବନ୍ଦର, ପ୍ରତିରକ୍ଷା ଭଳି କ୍ଷେତ୍ରରେ ଘରୋଇକରଣ ପ୍ରକ୍ରିୟା ଆରମ୍ଭ ହେଲା । ଶିକ୍ଷା, ସ୍ୱାସ୍ଥ୍ୟସେବା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆର୍ଥିକ ଦାୟିତ୍ୱରୁ ସରକାର ଓହରିଯାଇ ଏହି କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶର କ୍ଷେତ୍ର ପ୍ରଶସ୍ତ କରିଦେଲେ । ସବୁକିଛିକୁ ବଜାର ହାତରେ ଛାଡିଦିଆଗଲା । ସେହି ଧାରାରେ ଶ୍ରମ କ୍ଷେତ୍ରରେ ସଂସ୍କାର ଆଳରେ ବର୍ତ୍ତମାନ କେନ୍ଦ୍ର ବିଜେପି ସରକାର ମାରାତ୍ମକ ପରିବର୍ତ୍ତନ ସଂଗଠିତ କରିଛନ୍ତି । ସୂଚନାଯୋଗ୍ୟ ବ୍ରିଟିଶ ଶାସନାଧିନ ଭାରତରେ ବହୁ ରକ୍ତକ୍ଷୟୀ ଲଢେଇକରି ଦେଶର ଶ୍ରମିକଶ୍ରେଣୀ ବହୁ ଅଧିକାର ହାସଲ କରିଥିଲା ଏବଂ ଏହାର ଫଳସ୍ୱରୂପ ଶ୍ରମିକମାନଙ୍କର ସ୍ୱାର୍ଥରକ୍ଷାପାଇଁ ଦେଶରେ ବହୁ ଶ୍ରମଆଇନ ପ୍ରଣୟନ ହୋଇଥିଲା । ସ୍ୱାଧୀନତା ଅର୍ଜନ ପରେ ମଧ୍ୟ ଏହି ଧାରା ଅବ୍ୟାହତ ରହିଥିଲା । ଏକଥା ସତ୍ୟଯେ ମାଲିକମାନେ ଅନେକ ସମୟରେ ଶ୍ରମିକ ଆନ୍ଦୋଳନର ଦୁର୍ବଳତା ଓ ଶ୍ରମିକମାନଙ୍କର ଅସଂଗଠିତ ଅବସ୍ଥାର ସୁଯୋଗନେଇ ଶ୍ରମିକମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ଦାବିରୁ ବଂଚିତ କରୁଥିଲେ । ମାତ୍ର ଶ୍ରମିକମାନଙ୍କ ପାଇଁ ଆଇନଗତ ସୁରକ୍ଷା ରହିଥିଲା । ମାତ୍ର ଦେଶରେ ଜଗତିକରଣ ପ୍ରକ୍ରିୟାକୁ ଦ୍ରୁତ କାର୍ଯ୍ୟକାରୀ କରିବାପାଇଁ କେନ୍ଦ୍ର ବିଜେପି ସରକାର ୨୦୧୯ ମସିହାରୁ ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିଛି । ଇତିମଧ୍ୟରେ ପୂର୍ବରୁ କାର୍ଯ୍ୟକାରୀ ଥିବା ୪୪ଟି ଶ୍ରମ ଆଇନ ମଧ୍ୟରୁ ୨୯ଟି ଶ୍ରମ ଆଇନକୁ ଅକାମୀ କରିଦିଆଯାଇଛି ଏବଂ ଏହା ସ୍ଥାନରେ ୪ଟି ଶ୍ରମ କୋର୍ଡ ଲାଗୁ କରାଯାଇଛି । ବର୍ତ୍ତମାନ ଏହି ଶ୍ରମକୋର୍ଡ ଗୁଡିକହିଁ ପୂର୍ବରୁ କାର୍ଯ୍ୟକାରୀଥିବା ଶ୍ରମ ଆଇନ ପରିବର୍ତ୍ତେ ଶ୍ରମିକ ମାନଙ୍କର ଚାକିରି ସର୍ତ୍ତାବଳୀ ଓ ସୁରକ୍ଷା, ସାମାଜିକ ସୁରକ୍ଷା ଓ ଅବସରକାଳୀନ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗ ନିର୍ଦ୍ଧାରଣ କରିବ । ଏହି ନିବନ୍ଧରେ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିବା ଶ୍ରମକୋର୍ଡରେ ଥିବା କେତେକ ଅତ୍ୟନ୍ତ ମାରାତ୍ମକ ଶ୍ରମିକ ସ୍ୱାର୍ଥ ବିରୋଧି ବ୍ୟବସ୍ଥା ସଂପର୍କରେ ସୂଚନା ଦିଆଯାଇଛି ।

ୱେଜ୍ କୋର୍ଡ(ମଜୁରି କୋର୍ଡ)-୨୦୧୯ର ଧାରା ୯ରେ ଫ୍ଲୋର ୱେଜ୍‌ର(Floor Wage) କଥା କୁହାଯାଇଛି । ପ୍ରଚଳିତ ଶ୍ରମ ଆଇନ ଗୁଡିକରେ ଏହାର କୌଣସି ଉଲ୍ଲେଖ ନାହିଁ । ପ୍ରଚଳିତ ଶ୍ରମ ଆଇନରେ ତିନି ପ୍ରକାର ମଜୁରି ବିଷୟରେ କୁହାଯାଇଛି । **୧) ମିନିମମ୍ ୱେଜ(ସର୍ବନିମ୍ନ ମଜୁରି) :** ଏହା ହେଉଛି ଜୀବନ ଧାରଣ ପାଇଁ ସର୍ବନିମ୍ନ ପାରିଶ୍ରମିକ ଯାହା ନହେଲେ ଶ୍ରମିକ ତାର ପରିବାର ଚଳାଇବାକୁ ଅକ୍ଷମ, **୨) ଫେୟାର ୱେଜ :** କୌଣସି ପ୍ରକାର ପରିବାର ସହିତ ଜୀବନ ଧାରଣ କରିବା, **୩) ଲିଭିଙ୍ଗ ୱେଜ :** ଏହି ମଜୁରି ଦ୍ୱାରା ତା'ର ଏବଂ ତା' ପରିବାର ପ୍ରୟୋଜନ ମେଣ୍ଟାଇବା ସମ୍ଭବ ।

୧୯୪୮ ମସିହାରେ ଫେୟାର ୱେଜ କମିଟି ତା'ର ସୁପାରିଶରେ ନିର୍ଦ୍ଦିଷ୍ଟ ଭାବରେ କହିଥିଲା ଯେ ଲିଭିଙ୍ଗ ୱେଜ ସ୍ତରରେ ପହଂଚିବା ପାଇଁ ସରକାର ଧାରାବାହିକ ପ୍ରଚେଷ୍ଟା କରିବା ଦରକାର । କିନ୍ତୁ ଏ କ୍ଷେତ୍ରରେ ସରକାରଙ୍କର ନୀତି ବିପରୀତ ଦିଗେର ଯାଉଛି ।

ସର୍ବନିମ୍ନ ମଜୁରି ଆଇନ-୧୯୪୮ ଅନୁସାରେ ସମସ୍ତ ମାଲିକ ଏବଂ ନିଯୁକ୍ତିଦାତାମାନେ ଶିଳ୍ପର ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କୁ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ଦେବାକୁ ବାଧ୍ୟ । ୧୯୫୭ ମସିହାରେ ନିଯୁକ୍ତିଦାତାମାନଙ୍କ ପାଇଁ ଏହି ଆଇନକୁ ବାଧ୍ୟତାମୂଳକ କରାଯାଇଥିଲା । ଏହି ଆଇନ ଉଲଙ୍ଘନ କଲେ ମାଲିକମାନେ ଦଣ୍ଡିତ ହେବେ । କିନ୍ତୁ ଏହା ସମସ୍ତଙ୍କୁ ଜଣା ଯେ ବହୁ ସଂଖ୍ୟାରେ ମାଲିକ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରି ଦେଉନାହାନ୍ତି । ଆଇନ ଅବମାନନା କରୁଥିବା ଅଳ୍ପ କେତେକ ମାଲିକମାନଙ୍କୁ ଆଇନ ଗତ ବ୍ୟବସ୍ଥାର ସମ୍ମୁଖୀନ ହେବାକୁ ହୋଇଛି । ଏହି ଶ୍ରମକୋର୍ଡରେ ଫୋର ୱେଜ୍ ସଂପର୍କିତ ନୂତନ ଆଇନ ମାଲିକମାନଙ୍କୁ ସର୍ବନିମ୍ନ ମଜୁରି ପ୍ରଦାନର ଆଇନଗତ ଦାୟିତ୍ୱରୁ ମୁକ୍ତ କରିବା ପାଇଁ ପରିକଳ୍ପିତ । ସମ୍ପ୍ରତ କେନ୍ଦ୍ର ସରକାର ଶ୍ରମିକମାନଙ୍କର ଦୈନିକ ମଜୁରି ୧୭୮ ଟଙ୍କା ନିର୍ଦ୍ଧାରିତ କରିଛନ୍ତି । ବାସ୍ତବରେ ଅନ୍ୟ କିଛି ନୁହେଁ ଏହା ହେଉଛି ସରକାର ନିର୍ଦ୍ଧାରିତ କରିଥିବା ସର୍ବନିମ୍ନ ମଜୁରିଠାରୁ ବହୁତ କମ । ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ୨୦୧୭ ମସିହାରେ କେନ୍ଦ୍ର ସରକାର ଆବଶ୍ୟକୀୟ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ କରିବା ପାଇଁ ଅରୁପ ଶତପଥୀଙ୍କ ତଦାରଖରେ ଏକ ୭ ଜଣିଆ କମିଟି ଗଠନ କରିଥିଲେ । ଶ୍ରମିକମାନଙ୍କର ଦୈନିକ ପ୍ରୟୋଜନ ମୁତାବକ ସର୍ବନିମ୍ନ ମଜୁରି ୩୭୫ଟଙ୍କା ଏବଂ ମାସିକ ଘରଭଡା ୧୪୩୦ଟଙ୍କା ନିର୍ଦ୍ଧାରଣ କରିବା ପାଇଁ ଏହି କମିଟି ସରକାରଙ୍କୁ ସୁପାରିଶ କରିଥିଲା । ବିଜେପି ସରକାର କମିଟିର ସୁପାରିଶ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

# ବିଲକିସ ବାନୋ ଘଟଣାରେ ଅଲଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ରାଜ୍ୟ ବ୍ୟାପି ପ୍ରତିବାଦ ।




ଗତ ଅଗଷ୍ଟ ୧୫ତାରିଖ ଭାରତବର୍ଷ ଇତିହାସରେ ଏକ ଅତ୍ୟନ୍ତ ଲଜ୍ଜାଜନକ ଓ କଳଙ୍କିତ ଦିବସ ରୂପେ ଚିହ୍ନିତ ହୋଇ ରହିବ । ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ମହୋତ୍ସବ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଲକିଲ୍ଲାରୁ ଦେଶର ଉନ୍ନୟନ, ଏକତା, ଗଣତନ୍ତ୍ର ଓ ନାରୀକୁ ସମ୍ମାନ ଆଦି ସଂପର୍କରେ ଔଜସ୍ୱିନୀ ଭାଷଣ ଦେଉଥିବାବେଳେ ତାଙ୍କରି ଦଳ ବିଜେପି ଶାସିତ ରାଜ୍ୟ ଗୁଜୁରାଟରେ ଆଜୀବନ ସଜା ଭୋଗୁଥିବା ୧୧ଜଣ ନୃଶଂସ ଅପରାଧିଙ୍କୁ ରାଜକ୍ଷମା ଦେଇ ଛାଡ କରି ଦିଆଗଲା । ଏହାଠାରୁ ଆହୁରି ଲଜ୍ଜା ଓ ପରିତାପର ବିଷୟ ହେଉଛି ବିଶ୍ୱ ହିନ୍ଦୁ ପରିଷଦର କର୍ମୀମାନେ ସେମାନଙ୍କୁ ଫୁଲମାଳ, ଚନ୍ଦନ ଦେଇ, ମିଠା ଖୁଆଇ, ପାଦ ଛୁଇଁ ପ୍ରଣାମ ଜଣାଇ ଯେପରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲେ, ସତେ ଯେମିତି ସେମାନେ ଖୁବ୍ ମହତ୍ୱପୂର୍ଣ୍ଣ କାମ କରି ଜେଲ ଯାଇଥିଲେ ।

ଏହି ଘଟଣା ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ସାରା ଦେଶରେ ପ୍ରବଳ ଆଲୋଡନ ସୃଷ୍ଟି ହୋଇଥିଲା । ବିଭିନ୍ନ ମହଲରେ ପ୍ରତିବାଦର ସ୍ୱର ଧ୍ୱନୀତ ହୋଇଥିଲା । ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନର ସର୍ବଭାରତୀୟ କମିଟି ଓ ରାଜ୍ୟ କମିଟି ପକ୍ଷରୁ ଦୃଢ ନିନ୍ଦା ଓ ପ୍ରତିବାଦ କରାଯାଇ ବିଜ୍ଞପ୍ତି ଜାରୀ କରାଯିବା ସହିତ ବ୍ୟାପକ ପ୍ରତିବାଦ ଆନ୍ଦୋଳନ ସଂଗଠିତ କରାଯାଇଛି ।

ଗୁଜୁରାଟର ନରେନ୍ଦ୍ର ମୋଦିଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ୨୦୦୨ ମସିହାରେ ସଂଗଠିତ ନରସଂହାର ସମୟରେ ୨୧ବର୍ଷୀୟା ଗର୍ଭବତୀ ମହିଳା ବିଲକିସ ବାନୋ, ତାଙ୍କର ପରିବାର ଓ କେତେକ ପଡୋଶୀ ଜୀବନ ବଂଚାଇବାପାଇଁ ଅନ୍ୟତ୍ର ଚାଲିଯାଉଥିଲାବେଳେ ଦଙ୍ଗାକାରୀ ସେମାନଙ୍କୁ ଆକ୍ରମଣ କରିଥିଲେ । ସେମାନେ ବିଲକିସ୍‌ଙ୍କ ଆଖି ସାମ୍ନାରେ ତାଙ୍କର ୩ବର୍ଷର ଝିଅକୁ ପଥରରେ କଚାଡି କଚାଡି ମାରିଥିଲେ । ତାଙ୍କର ମା' ଓ ଭଉଣୀଙ୍କୁ ଧର୍ଷଣ ଓ ହତ୍ୟା କରିବା ସହିତ ୧୪ଜଣଙ୍କୁ ହତ୍ୟା କରିଥିଲେ । ମୁମୂର୍ଷୁ ଅବସ୍ଥାରେ ମରିଯାଇଛନ୍ତି ଭାବି ଧର୍ଷିତା ବିଲକିସ୍‌ଙ୍କୁ ଦୁର୍ବୃତ୍ତମାନେ ଛାଡି ପଳାଇଥିଲେ । ଚେତା ଫେରିବାପରେ ବିଲକିସ୍ କୌଣସି ମତେ ସୁସ୍ଥ ହୋଇ ଉକ୍ତ ଘଟଣା ବିରୁଦ୍ଧରେ ଲଢିଥିଲେ । ଗୁଜୁରାଟରେ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ମହାରାଷ୍ଟ୍ରରୁ ଏହି କେଶ ଲଢିଥିଲେ । ଦୀର୍ଘ ୬ବର୍ଷ ଧରି ଅସୀମ ସାହସ, ଧର୍ଯ୍ୟ ଓ ବୀରତ୍ୱପୂର୍ଣ୍ଣ ଲଢେଇ ଫଳରେ ସଂପୃକ୍ତ ୧୧ଜଣ ଅପରାଧିଙ୍କୁ ୨୦୦୮ ମସିହାରେ ବମ୍ବେ ସିବିଆଇ ଅଦାଲତ ଆଜୀବନ କରାଦଣ୍ଡରେ ଦଣ୍ଡିତ କଲେ ଏବଂ ବମ୍ବେ ହାଇକୋର୍ଟ ଏବେ ସୁପ୍ରିମ କୋର୍ଟ କାଏମ ରଖିଥିଲେ । ମାତ୍ର ଏହି ଭଳି ଅତ୍ୟନ୍ତ ବିରଳରୁ ବିରଳତମ ଜଘଣ୍ୟ ଅପରାଧ ଘଟାଇଥିବା ୧୧ ଅପରାଧୀଙ୍କୁ ଗୁଜୁରାଟର ବିଜେପି ସରକାର ୨୦୧୪ ମସିହାରେ ପାରିତ ଆଇନ ଆନୁଯାୟୀ ବିଚାର ନକରି ୧୯୯୨ର ଆଇନ ଅନୁଯାୟୀ ରେମିସନ ଦେବା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସର୍ବ ଭାରତୀୟ କମିଟି ପକ୍ଷରୁ ସୁପ୍ରିମ କୋର୍ଟର ମୁଖ୍ୟ ବିଚାରପତିଙ୍କୁ ପତ୍ର ପ୍ରେରଣ କରାଯାଇ ପୁନର୍ବାର ସେମାନଙ୍କୁ ଆଜୀବନ କରାଦଣ୍ଡ ଦେବାକୁ ଦାବି କରାଯାଇଛି । ଅଗଷ୍ଟ ୨୦ତାରିଖରେ 'ସାରା ଓଡିଶା ଧିକ୍କାର ଦିବସ' ପାଳନ କରାଯାଇ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ଆଂଚଳିକ ସ୍ତରରେ ପ୍ରତିବାଦ କରାଯାଇଛି । ସଂଗଠନ ପକ୍ଷରୁ ବ୍ୟାପକ ପ୍ରଚାର ପତ୍ର ବଣ୍ଟନ କରାଯାଇଛି ଓ ହାତଲେଖା ପୋଷ୍ଟର ଲଗାଯାଇଛି । ଅଗଷ୍ଟ ୩୦ ତାରିଖରେ ରାଜଧାନୀ ଭୁବେନେଶ୍ୱରଠାରେ ଏକ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଜ୍ୟପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରେରଣ କରାଯାଇଛି । ଏହା ବିରୁଦ୍ଧରେ ବର୍ତ୍ତମାନ ମଧ୍ୟ ରାଷ୍ଟ୍ରପତିଙ୍କ ନିକଟକୁ ପ୍ରେରଣ ଉଦ୍ଦେଶ୍ୟରେ ସର୍ବସ୍ତରର ଜନସାଧାରଣଙ୍କଠାରୁ ଦସ୍ତଖତ ସଂଗ୍ରହ କରାଯାଉଛି । ବିଜେପି ସରକାରର ଏତାଦୃଶ ନାରୀ ବିଦ୍ୱେଷୀ ଓ ଅପରାଧୀ ତୁଷ୍ଟିକରଣ ଦୃଷ୍ଟିଭଙ୍ଗୀ ବିରୁଦ୍ଧରେ ଦୃଢ ପ୍ରତିବାଦ କରିବାକୁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି । ★★★

## ଶ୍ରମିକଶ୍ରେଣୀ ସ୍ୱାର୍ଥ ବିରୋଧି.....

(୫ ମ ପୃଷ୍ଠାର ଅବଶିଷ୍ଟାଂଶ)

କାର୍ଯ୍ୟକାରୀ କରି ନାହିଁ । ଏଥିରୁ ସ୍ୱଷ୍ଟ ବୁଝାପଡେ ଯେ ସରକାର କାହିଁକି ଶ୍ରମକୋର୍ଡରେ ଫୋର ଓ୍ୱେଜ୍‌ର ଯୋଜନା ଆରମ୍ଭ କରିଛନ୍ତି ।

ଇଣ୍ଡଷ୍ଟ୍ରିଆଲ ରିଲେସନ କୋର୍ଡ-୨୦୨୦ ଏବଂ କୋର୍ଡ ଅନ ସୋସିଆଲ ସିକ୍ୟୁରିଟି-୨୦୨୦ ଆଇନର 'ଡେଫିନେସନ'ର ଚାପ୍ଟର-୧, କ୍ଲଜ୍-୧, କ୍ଲଜ-(୦)ରେ ଫିକ୍ସଡ ଟର୍ମ ଏମପ୍ଲଏମେଣ୍ଟ(ନିର୍ଦ୍ଦିଷ୍ଟ ସମୟ ପାଇଁ ନିଯୁକ୍ତି) ସଂପର୍କରେ ଉଲ୍ଲେଖ କରାଯାଇଛି । ଫିକ୍ସଡ ଟର୍ମ ଏମପ୍ଲଏମେଣ୍ଟ ନିୟମ ଅନୁସାରେ ଶ୍ରମିକ ଓ କର୍ମଚାରୀମାନେ ଲିଖିତ ଚୁକ୍ତିଭିତ୍ତିରେ ନିର୍ଦ୍ଦିଷ୍ଟ ସମୟ ପାଇଁ ଚାକିରିରେ ନିଯୁକ୍ତି ପାଇବେ । ଶ୍ରମ କୋର୍ଡ-୨୦୧୮ରେ ଏହା ଅର୍ନ୍ତଭୁକ୍ତ ହେବା ପୂର୍ବରୁ ଫିକ୍ସଡ୍ ଟର୍ମ ଏମପ୍ଲଏମେଣ୍ଟର ନିୟମ ପାର୍ଲିଆମେଣ୍ଟରେ ଅନୁମୋଦନ ଲାଭ କରି ସରକାରୀ ଗେଜେଟରେ ପ୍ରକାଶ ପାଇଥିଲା । ଚୁକ୍ତି ସମୟ ସମାପ୍ତି ହେବା ପରେ ଶ୍ରମିକମାନେ ପ୍ରଚଳିତ ଶ୍ରମ ଆଇନ୍ ଅନୁସାରେ ପାଉଥିବା ସମସ୍ତ ପ୍ରକାର ଅଧିକାର ଓ ସୁବିଧା ସୁଯୋଗ ପାଇବା ପାଇଁ ହକଦାର ହେବେ ନାହିଁ । ଏହି ପ୍ରକାର ଚାକିରିର କୌଣସି ସ୍ଥାୟିତ୍ୱ ପ୍ରଶ୍ନ ଉଠୁ ନାହିଁ । ଏହିଭଳି ଚାକିରିରେ ନିଯୁକ୍ତି ପାଇଥିବା ଶ୍ରମିକମାନଙ୍କର କୌଣସି ସୁରକ୍ଷା ରହିବ ନାହିଁ । ଚାକିରିର ନିର୍ଦ୍ଦିଷ୍ଟ ସମୟ ସମାପ୍ତି ପରେ ଶ୍ରମିକ କର୍ମଚାରୀମାନଙ୍କର ଅବସ୍ଥା କଣ ହେବ ଏବଂ ସେମାନେ କିଭଳି ଭାବରେ ପରିବାର ଚଳାଇବେ ? ଉଦ୍‌ବେଗ ପୂର୍ଣ୍ଣ ଓ ଅସୁରକ୍ଷିତ ଜୀବନ ଯାପନ ମଧ୍ୟରେ ରହି ସେ ଶ୍ରମିକ ସଂଗଠନର କାର୍ଯ୍ୟକଳାପରୁ ନିଜକୁ ଦୂରେଇ ନେବ । ଆଇନର ସଞ୍ଜ୍ଞା ଅନୁଯାୟୀ ସେ ଆଉ ଶ୍ରମିକ କିମ୍ବା କର୍ମଚାରୀଭାବରେ ପରିଗଣିତ ହେବ ନାହିଁ । ନିଯୁକ୍ତିଦାତାମାନେ ସର୍ବଦା ଏହି ଧରଣର କର୍ମଚାରୀ ଓ ଶ୍ରମିକମାନଙ୍କୁ ଚାହାନ୍ତି । ଯଦ୍ୱାରା ସେମାନେ ଶ୍ରମିକମାନଙ୍କୁ ଶ୍ରମିକ ସଂଗଠନର ଆନ୍ଦୋଳନଠାରୁ ଦୂରେଇ ରଖିପାରିବେ ଏବଂଉଏହା ସଙ୍ଗେ ସଙ୍ଗେ ପ୍ରତିବାଦ କରିବା ଓ ମୂଳଚାଲ କରିବାର ଅଧିକାରରୁ ମଧ ବଂଚିତ କରିପାରିବେ । ଶ୍ରମିକ ସଂଗଠନର କାର୍ଯ୍ୟକଳାପଗୁଡିକୁ ବନ୍ଦ କରିଦେବା କ୍ଷେତ୍ରରେ ଏହି ନୂତନ ନିୟମ ମାଲିକମାନଙ୍କ ହାତରେ ଏକ ଅସ୍ତ୍ର ଭାବରେ ବ୍ୟବହୃତ ହେବ । କ୍ରମବର୍ଦ୍ଧିଷ୍ଣୁ ବେକାରୀ ଓ ଦାରିଦ୍ର୍ୟ ମଧ୍ୟରେ ଖୁବ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀମାନେ ମଧ ଏହିଭଳି ଚାକିରି ଗ୍ରହଣ କରିବା ପାଇଁ ବାଧ ହେଉଛନ୍ତି । ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା ଓ ସ୍ଥାୟୀ ଚାକିରି ଅତୀତର ସ୍ମୃତି ହୋଇଯିବ । ତେଣୁ ଶ୍ରମିକ ଓ କର୍ମଚାରୀମାନେ ପୁଞ୍ଜିପତିମାଲିକ, ନିଯୁକ୍ତିଦାତାମାନଙ୍କର ନିର୍ଦ୍ଦୟ ଶୋଷଣର ଶୀକାର ହେବେ ଏବଂ ମାଲିକମାନଙ୍କ ଅନ୍ୟାୟ ବିରୁଦ୍ଧରେ ପ୍ରତିବାଦ କରିବାର ଯେଉଁ ସାମାନ୍ୟ ସୁଯୋଗ ଆଇନରେ ଥିଲା ତାହା ସେମାନେ ହରାଇବେ ।

ଶ୍ରମିକମାନେ କୌଣସି ଷ୍ଟ୍ରାଇକ୍(ହରତାଲ)କୁ ଯିବାର ୧୪ଦିନ ପୂର୍ବରୁ ନୋଟିସ ଦେବାର ନିୟମ ଇଣ୍ଡଷ୍ଟ୍ରିୟାଲ ରିଲେସନ କୋର୍ଡ-୨୦୨୦, ସେକସନ-୬୧ରେ ଉଲ୍ଲେଖ କରାଯାଇଛି । ଏହା ଧାର୍ଯ୍ୟ ଅଗ୍ରିମ ନୋଟିସ ବିନା ଷ୍ଟ୍ରାଇକ କରିବା ବେଆଇନ । ଇଣ୍ଡଷ୍ଟ୍ରିଆଲ ଡିସପୁଟ ଆକ୍ଟ(ଶିଳ୍ପ ବିବାଦ ଆଇନ୍)-୧୯୪୭ ଅନୁସାରେ କେବଳ କିଛି ଅତ୍ୟାବଶ୍ୟକୀୟ ସେବା ବ୍ୟତୀତ ଅନ୍ୟକୌଣସି କ୍ଷେତ୍ରରେ ଏହି ନିୟମ ନାହିଁ । ପରିସ୍ଥିତି ସେ ଭଳି ଉପୁଜିଲେ ଅନ୍ୟ କ୍ଷେତ୍ରରେ ଶିଳ୍ପ ଶ୍ରମିକମାନେ ପ୍ରଚଳିତ ନିୟମ ଅନୁସାରେ ହରତାଲକୁ ଯାଇପାରିବେ । ସେମାନଙ୍କର ଆଇନଗତ ଅଧିକାର ଅଛି । ଶ୍ରମିକମାନଙ୍କର ହରତାଳ କରିବାର ମୌଳିକ ଅଧିକାରକୁ ଖର୍ବ କରିବା ପାଇଁ ଶ୍ରମକୋର୍ଡ ଏକ ସୁପରିକଳ୍ପିତ ଯୋଜନା । ବସ୍ତୁତଃ ହରତାଳ କରିବା ଅଧିକାରକୁ ଅକାର୍ଯ୍ୟକାରୀ କରି ଦିଆଯାଇଛି ଏବଂ ନୂତନ ଆଇନକୁ ଉଲଙ୍ଘନ କଲେ ଶ୍ରମିକମାନେ ଦଣ୍ଡିତ ହେବେ । ଏହା ଶେଷ କଥା ନୁହେଁ । ଯେତେବେଳେ କନସିଲିଏସନ୍ ଅଫିସରଙ୍କ ନିକଟରେ କୌଣସି କନସିଲିସନ୍ ପ୍ରକ୍ରିୟା ଚାଲୁ ରହିଥିବ ସେତେବେଳେ ଶ୍ରମିକମାନଙ୍କୁ ହରତାଳରେ ଯିବାକୁ ବାରଣ କରାଯିବ । ବାସ୍ତବରେ ଉଭୟ ନିଯୁକ୍ତିଦାତା ଓ ସରକାର କନସିଲିଏସନ୍ ସମୟକୁ ଦୀର୍ଘାୟିତ କରିବାପାଇଁ ଚେଷ୍ଟା କରିବେ । ଜଟିଳ ଆଇନ ଜାଲରେ ଶ୍ରମିକମାନଙ୍କୁ ଛନ୍ଦି ଦିଆଯାଇ ହରତାଲ ଘୋଷଣା କରିବାକୁ ବାରଣ କରାଯିବ । ସେଠାରେ ଅନ୍ୟ ଏକ ବାଧା ବି ଅଛି । ଯଦି କୌଣସି ଶିଳ୍ପ ପ୍ରତିଷ୍ଠାନରେ ଅଧାରୁ ଅଧିକ ଶ୍ରମିକ ଛୁଟିରେ ଯାଆନ୍ତି, ତେବେ ଏହାକୁ ମଧ ଷ୍ଟ୍ରାଇକ ବୋଲି ଧରାଯିବ ।

ଇଣ୍ଡଷ୍ଟ୍ରିଆଲ ରିଲେସନ କୋର୍ଡ-୨୦୨୦ର ଚାପ୍ଟର-୧୦, ସେକସନ-୭୭ରେ ଉଲ୍ଲେଖ କରାଯାଇଛି ଯେ ଯେଉଁ କାରଖାନା ୩୦୦ରୁ କମ୍ ଶ୍ରମିକମାନଙ୍କୁ ନିଯୁକ୍ତି ଦେଇଥିବେ ସେହି ସବୁ ଶିଳ୍ପ ସଂସ୍ଥାରେ ଅଫ୍, ଛଟେଇ ଓ ବନ୍ଦ ପାଇଁ ଉପଯୁକ୍ତ ସରକାରୀ କର୍ତ୍ତୃପକ୍ଷଙ୍କଠାରୁ କୌଣସି ଅନୁମତି ନେବା ଆବଶ୍ୟକ ନାହିଁ । ପ୍ରଚଳିତ ଇଣ୍ଟଷ୍ଟ୍ରିଆଲ ଡିସପ୍ୟୁଟ ଆକ୍ଟ-୧୯୪୭ (ସେକସନ୍-୨୫) ଅନୁସାରେ ସେହି ସଂଖ୍ୟା ୧୦୦ କିମ୍ବା ଅଧିକ ନିର୍ଦ୍ଧାରିତ ହୋଇଥିଲା । ଆଇ.ଆର(ଇଣ୍ଡଷ୍ଟ୍ରିଆଲ ରିଲେସନ) କୋର୍ଡରେ ଶ୍ରମିକମାନଙ୍କ ସଂଖ୍ୟା ୧୦୦ ରୁ ୩୦୦କୁ ବୃଦ୍ଧି କରି ସରକାର ମାଲିକମାନଙ୍କୁ ଲେ ଅଫ୍ କିମ୍ବା ଛଟେଇ କରିବାର ଅବାଧ କ୍ଷମତା ଦେଇଛନ୍ତି ।

କଳକାରଖାନା ଓ ଶିଳ୍ପ କ୍ଷେତ୍ରରେ ୨୪ଭାଗ ଶ୍ରମିକ ଗୋଟିଏ ଧକ୍କାରେ ଆଇନ ଦ୍ୱାରା ପ୍ରଦତ୍ତ ଅଧିକାର ହରାଇବେ ଏବଂ ସେମାନଙ୍କର ସମସ୍ୟା ସମାଧାନ ପାଇଁ ଆଇନର ଆଶ୍ରୟ ନେଇ ପାରିବେ ନାହିଁ ।

କେବଳ ସେତିକି ନୁହେଁ ଇଣ୍ଡଷ୍ଟ୍ରିଆଲ ରିଲେସନ କୋଡର ଚାପ୍ଟର-୪ର ସେକସନ ୨୮(୧)ରେ ଉଲ୍ଲେଖ କରାଯାଇଛି ଯେ ଶିଳ୍ପ ସଂସ୍ଥାଗୁଡିକରେ ଯେଉଁଠି ୩୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ଅଛନ୍ତି ସେ କ୍ଷେତ୍ରରେ 'ଷ୍ଟାଣ୍ଡିଙ୍ଗ ଅର୍ଡର'ର ନିୟମ ଲାଗୁ ହେବ । କିନ୍ତୁ ଯେଉଁ ସବୁ ଶିଳ୍ପ ସଂସ୍ଥା ଗୁଡିକରେ ୩୦୦ରୁ କମ୍ ଶ୍ରମିକ ନିଯୁକ୍ତ ଅଛନ୍ତି, ସେଠାରେ 'ଷ୍ଟାଣ୍ଡିଙ୍ଗ ଅର୍ଡର' ପର୍ଯ୍ୟାପ୍ୟ ନୁହେଁ । ବର୍ତ୍ତମାନ ପର୍ଯ୍ୟନ୍ତ ବି ଶିଳ୍ପ ଶ୍ରମିକମାନଙ୍କର ମଜୁରି ନିର୍ଦ୍ଧାରଣ ଏବଂ ଚାକିରିର ସର୍ତ୍ତବାଳୀ ସ୍ଥିର କରିବା କ୍ଷେତ୍ରରେ ଶ୍ରମିକମାନଙ୍କର ମତାମତ ଓ ଦ୍ୱିପାକ୍ଷିକ-ତ୍ରିପାକ୍ଷିକ ଚୁକ୍ତି ମଧ୍ୟରେ ସ୍ଥିର କରାଯାଉଛି । ବିଶେଷ ଶିଳ୍ପ ସଂସ୍ଥାର ସ୍ଥିତି ଅନୁଯାୟୀ 'ଷ୍ଟାଣ୍ଡିଙ୍ଗ ଅର୍ଡର' ନିର୍ଦ୍ଧାରିତ ହୁଏ ଓ କାର୍ଯ୍ୟକାରୀ ହୁଏ ।

ଶ୍ରମ କୋଡ ଅନୁଯାୟୀ ଶ୍ରମିକମାନଙ୍କ ସଂଖ୍ୟା ୩୦୦ କିମ୍ବା ଅଧିକକୁ ବୃଦ୍ଧି କରିବା ଫଳରେ ୭୪ ପ୍ରତିଶତ ଶ୍ରମିକ

(ଅବଶିଷ୍ଟାଂଶ ଶେଷ ପୃଷ୍ଠାରେ)

# ଗୌରବୋଜ୍ଜ୍ୱଳ ପ୍ୟାରି କମ୍ମ୍ୟୁନର ଦେଢଶତ ବର୍ଷ ଉପଲକ୍ଷେ ସେହି ଯୁଗାନ୍ତକାରୀ ସଂଗ୍ରାମର ଇତିହାସ ଓ ତାର ଶିକ୍ଷା

**(ଚଳିତ ବର୍ଷ ପାଳିତ ହେଉଛି ଗୌରବୋଜ୍ଜ୍ୱଳ ପ୍ୟାରି କମ୍ମ୍ୟୁନର ଦେଢଶତ ବର୍ଷ । ସେହି ଉପଲକ୍ଷେ ପ୍ୟାରି କମ୍ମ୍ୟୁନର ଐତିହାସିକ ପୃଷ୍ଠଭୂମି, ତାର ସଫଳତା, ପତନ ଓ ସେଥିରୁ ଶିକ୍ଷା ସଂପର୍କରେ ଏକ ସଠିକ୍ ଧାରଣା ଗଢିତୋଳିବା ପାଇଁ ନିମ୍ନ ନିବନ୍ଧଟି ରଚନା କରାଯାଇଛି । ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ୟାରି କମ୍ମ୍ୟୁନର ଐତିହାସିକ ପୃଷ୍ଠଭୂମିର ଅଂଶଟି ପ୍ରକାଶ କରୁଛୁ । ପରବର୍ତ୍ତୀ ସଂଖ୍ୟାରେ ପ୍ୟାରି କମ୍ମ୍ୟୁନର ଆରମ୍ଭ, ତାର ପତନ ଓ ସେଥିରୁ ଶିକ୍ଷା ସଂକ୍ରାନ୍ତୀୟ ବିଷୟଟି ପ୍ରକାଶିତ ହେବ । ସଂପାଦକ-ସର୍ବହରା କ୍ରାନ୍ତି ।)**

ଆଜିଠୁ ଦେଢ ଶହ ବର୍ଷ ପୂର୍ବେ ୧୮୭୧ ମସିହାରେ ପ୍ୟାରି କମ୍ମ୍ୟୁନର ଐତିହାସିକ ସଂଗ୍ରାମ ପ୍ୟାରିସ ସହରର ବୁକୁ ଥରାଇ ଦେଇଥିଲା । ବର୍ଜୁଆ ଶାସକମାନଙ୍କୁ କ୍ଷମତାଚ୍ୟୁତ କରି ମାର୍ଚ୍ଚ ୧୮ତାରିଖ ଦିନ ବିପ୍ଳବୀ କେନ୍ଦ୍ରୀୟ କମିଟି ପ୍ୟାରିସର କ୍ଷମତା ଦଖଲ କରିଥିଲା ଏବଂ ଶ୍ରମିକ ଶ୍ରେଣୀର ସରକାର, କମ୍ମ୍ୟୁନ ପ୍ରତିଷ୍ଠା କରିଥିଲା । କମ୍ମ୍ୟୁନ ଗୁଣଗତ ଭାବେ ବର୍ଜୁଆ ରାଷ୍ଟ୍ରଠାରୁ ସଂପୂର୍ଣ୍ଣ ଭିନ୍ନ ଥିଲା । କମ୍ମ୍ୟୁନ ପ୍ରଥମରୁ ହିଁ ଅମଲାତନ୍ତ୍ରକୁ ଧ୍ୱଂସ କରିଥିଲା । ଭଡାଟିଆ ସୈନ୍ୟବାହିନୀକୁ ଭାଙ୍ଗି ଦେଇ ଜନତାର ହାତରେ ଅସ୍ତ୍ର ଅର୍ପଣ କରିଥିଲା । କର୍ମଚାରୀ ଅଫିସରମାନଙ୍କର ସର୍ବୋଚ୍ଚ ଦରମାର ଏକ ସୀମା ନିର୍ଦ୍ଧାରଣ କରିଥିଲା, ଯାହାକି ଜଣେ ଦକ୍ଷ କର୍ମଚାରୀର ଦରମା ସହିତ ପ୍ରାୟ ସମାନ । ଆଠ ଘଣ୍ଟା ଶ୍ରମ ସମୟ ନିର୍ଘଣ୍ଟ କରାଯାଇଥିଲା । ଶ୍ରମିକମାନଙ୍କଠାରୁ ଜୋରିମାନା ଆଦାୟ ଏବଂ ପାଉଁରୁଟି କାରଖାନାରେ ରାତ୍ରୀକାଳୀନ କାର୍ଯ୍ୟ ବନ୍ଦ କରାଯାଇଥିଲା । ଶ୍ରମିକମାନଙ୍କୁ ନ୍ୟାଯ୍ୟ ପ୍ରାପ୍ୟରୁ ବଂଚିତ କରିଥିବା ମାଲିକମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରାଯାଇଥିଲା । ବେକାର ଶ୍ରମିକମାନଙ୍କୁ କାମ ଓ ସାହାଯ୍ୟର ପ୍ରତିଶ୍ରୁତି ଦିଆଯାଇଥିଲା । ଅଫିସର, ସୈନ୍ୟବାହିନୀ, ବିଚାରପତି ସମସ୍ତଙ୍କ ନିଯୁକ୍ତି ନିର୍ବାଚନ ପ୍ରକ୍ରିୟାରେ କରାଯିବାକୁ ବାଧ୍ୟତାମୂଳକ କରାଯାଇଥିଲା । ଧର୍ମକୁ ରାଷ୍ଟ୍ରଠାରୁ ବିଚ୍ଛିନ୍ନ କରାଯାଇଥିଲା । ଚର୍ଚ୍ଚର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଥିଲା । ଶିକ୍ଷାକୁ ଅବୈତନିକ ଓ ବାଧ୍ୟତାମୂଳକ କରାଯାଇଥିଲା । କମ୍ମ୍ୟୁନ ରାଜତ୍ୱରେ ଅଳ୍ପ ଦିନ ପାଇଁ ହେଲେ ବି ଶ୍ରମିକମାନେ ପ୍ରଥମଥର ପାଇଁ ମୁକ୍ତିର ସ୍ୱାଦ ପାଇଥିଲେ ।

ମାତ୍ର ବିଭିନ୍ନ କାରଣରୁ କମ୍ମ୍ୟୁନକୁ ବଞ୍ଚାଇ ରଖାଯାଇ ପାରିନଥିଲା । ଦୁଇମାସ ଦଶ ଦିନ ପରେ ମେ ୧୮ତାରିଖ ଦିନ ବୁର୍ଜୁଆ ସରକାର ଅତି ନୃଶଂସଭାବେ ଏହି ଶ୍ରମିକ ଅଭ୍ୟୁତ୍ଥାନକୁ ଦମନ କରିଥିଲା । ବିଚାରର ପ୍ରହସନ କରି ହଜାର ହଜାର କମ୍ମ୍ୟୁନାର୍ଡଙ୍କୁ ହତ୍ୟା କରି ବୁର୍ଜୁଆମାନେ ଏହି ବିପ୍ଳବକୁ ଦମନ କରିଥିଲେ । ଏହି ଲଢେଇକୁ ପର୍ଯ୍ୟାଲୋଚନା କରି ମହାନ କାର୍ଲ ମାର୍କ୍ସ ତାଙ୍କର ଚିନ୍ତାଧାରାକୁ ଆହୁରି ଉନ୍ନତ ଓ କ୍ଷୁରଧାର କରିଥିଲେ । ଶ୍ରମିକ ବିପ୍ଳବ ସଂକ୍ରାନ୍ତିୟ ପ୍ରଚଳିତ ଭ୍ରାନ୍ତ ତତ୍ତ୍ୱଗୁଡିକୁ ଆଦର୍ଶଗତ ସଂଗ୍ରାମ ଜରିଆରେ ପରାସ୍ତ କରି ପ୍ୟାରି କମ୍ମ୍ୟୁନ ମାର୍କ୍ସବାଦର ଅଭ୍ରାନ୍ତ ସତ୍ୟତାକୁ ପ୍ରତିଷ୍ଠା କରିଥିଲା । କମ୍ମ୍ୟୁନାର୍ଡମାନଙ୍କର ଅସୀମ ବୀରତ୍ୱ ଓ ଶକ୍ତିଶାଳୀ ଲଢେଇ ସତ୍ତ୍ୱେ ମଧ୍ୟ କମ୍ମ୍ୟୁନର ପତନ ଦର୍ଶାଇଥିଲା ଯେ, ଶ୍ରମିକ ବିପ୍ଳବ ନିମନ୍ତେ ସଠିକ ବିପ୍ଳବୀ ତତ୍ତ୍ୱ ଓ ସଠିକ ବିପ୍ଳବୀ ଦଳର ନେତୃତ୍ୱ କେତେ ପ୍ରୟୋଜନ । ପ୍ୟାରି କମ୍ମ୍ୟୁନର ଇତିହାସ ଜାଣିବା ସବୁ ଯୁଗର ସଂଗ୍ରାମୀମାନଙ୍କ ପାଇଁ ଅତୀବ ପ୍ରୟୋଜନ ।

**ପ୍ୟାରି କମ୍ମ୍ୟୁନର ଐତିହାସିକ ପୃଷ୍ଠଭୂମି**

୧୭୮୯ ମସିହାରେ ବାସ୍ତିଲ ଦୁର୍ଗ ଆକ୍ରମଣ ମଧ୍ୟ ଦେଇ ଐତିହାସିକ ଫରାସୀ ବିପ୍ଳବର ସୁତ୍ରପାତ ହୋଇଥିଲା । ବର୍ଜୁଆଶ୍ରେଣୀ ହାତରେ ଏହି ଗଣତାନ୍ତ୍ରିକ ବିପ୍ଳବର ଆଦର୍ଶଗତ ନେତୃତ୍ୱ ଥିଲେ ମଧ ମେହନତି ଶ୍ରମିକ ଶ୍ରେଣୀ ଏହି ବିପ୍ଳବକୁ ସଫଳ କରିବା ପାଇଁ ନିଜର ଜୀବନକୁ ବାଜି ରଖି ଲଢିଥିଲା । ଏହି ବିପ୍ଳବକୁ ସଫଳ କରିବା କ୍ଷେତ୍ରରେ ଶୋଷିତ ନିପୀଡିତ ମହିଳାମାନେ ଅନନ୍ୟସାଧାରଣ ଭୂମିକା ପାଳନ କରିଥିଲେ । ସେଦିନ ଏହି ବିପ୍ଳବକୁ ସଫଳ କରିବା ପ୍ରୟୋଜନରେ ଜନସାଧାରଣ ହାତରେ ଅସ୍ତ୍ର ଟେକି ଦେବାକୁ ବୁର୍ଜୁଆ ଶ୍ରେଣୀ ବାଧ ହୋଇଥିଲା । ଯାହା ଫଳରେ ସେଦିନ ଜନତା ନିଜର ନାର୍ଯ୍ୟ ଦାବି ଉତ୍ଥାପନ କରିବାର ଅଧିକାରୀ ହୋଇଥିଲା ଏବଂ ରାଷ୍ଟ୍ରର ବିଭିନ୍ନ ବିଷୟରେ ଏପରିକି ହାତରେ ଅସ୍ତ୍ର ନେଇ ନିଜର ଭୂମିକା ପାଳନ କରିବାକୁ ଆରମ୍ଭ କରିଥିଲା । ବୁର୍ଜୁଆଶ୍ରେଣୀ ପକ୍ଷରେ ଏହା ଥିଲା ଏକ ମାରାତ୍ମକ ଅଶୁଭ ସଂକେତ । କ୍ଷମତା ଦଖଲ କରିବା ପରେ ବର୍ଜୁଆମାନେ ବିପ୍ଳବ ପଥରେ ଅଗ୍ରସର ହେବାକୁ ଚାହିଁ ନଥିଲେ । ଏହି ନୂତନ ବ୍ୟବସ୍ଥାରେ ଧନୀକ ଶ୍ରେଣୀର ଆଧିପତ୍ୟ କାଏମ ହୋଇଥିଲା ଓ ବିପ୍ଳବ ପଥରେ ଅଗ୍ରସର ହେଲେ ଏହି ଆଧିପତ୍ୟ କାଳେ ଚାଲିଯିବ ସେହି ଆଶଙ୍କାରେ ହିଁ ସେମାନେ ଆଉ ଆଗେଇବାକୁ ଇଚ୍ଛୁକ ନଥିଲେ । ବୁର୍ଜୁଆମାନଙ୍କର ଅନ୍ୟତମ ନେତା ବାରନାଭ ୧୭୯୧

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

## ଗୌରବୋଜ୍ଜ୍ୱଳ ପ୍ୟାରି କମ୍ୟୁନର .....

*(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)*

ମସିହାରେ ସତର୍କ କରାଇଦେଇ କହିଥିଲେ –“ଆମେ ବିପ୍ଳବକୁ ଏଇଠି ସମାପ୍ତ କରିବୁ ନା ପୁଣି ବିପ୍ଳବ ଆରମ୍ଭ କରିବୁ ? ସ୍ୱାଧୀନତା ପଥରେ ଆଉ ପାଦେ ଆଗେଇଲେ ରାଜତନ୍ତ୍ରର ବିନାଶ ହେବ । ସାମ୍ୟର ପଥରେ ଆଉ ପାଦେ ଆଗେଇଲେ ସଂପତ୍ତିର ବିଲୁପ୍ତି ଘଟିବ ।” ମାତ୍ର ସଶସ୍ତ୍ର ଜନତା ଯେଉଁମାନଙ୍କର ମଧ୍ୟରେ ମେହନତି ଜନଗଣଙ୍କ ସଂଖ୍ୟା ଅଧିକ ଥିଲା ସେମାନେ ଚାହୁଁଥିଲେ, ବିପ୍ଳବ ଆହୁରି ଅଗ୍ରସର ହେଉ । ଫଳରେ ଏକ ଦ୍ୱନ୍ଦ୍ୱ ଅନିବାର୍ଯ୍ୟ ଭାବେ ଦେଖା ଦେଲା ଓ ଏହି ଧାରାରେ ହିଁ ବିପ୍ଳବର ନେତା ଦାଁ ତୋ ଏବଂ ମାରାଙ୍କର ମୃତ୍ୟୁ ହୋଇଥିଲା । ଯଦିଓ ଫ୍ରାନ୍ସର ବୁର୍ଜୁଆମାନେ ସାମନ୍ତୀ ବ୍ୟବସ୍ଥାର ଉଚ୍ଛେଦ ଘଟାଇଥିଲେ କିନ୍ତୁ ସେମାନେ ଏହି ବ୍ୟବସ୍ଥାର ସମସ୍ତ ଅବଶେଷଗୁଡିକୁ ସମୂଳେ ଧ୍ୱଂସ କରିବାକୁ ବ୍ୟର୍ଥ ହୋଇଥିଲେ । ଆହୁରି ମଧ୍ୟ ବର୍ଜୁଆଶ୍ରେଣୀ ନିଜର ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱଗୁଡିକୁ ସମାଧାନ କରି ନିଜକୁ ସୁସଂହତ କରିବା କ୍ଷେତ୍ରରେ ସକ୍ଷମ ହୋଇନଥିଲେ ।

ଏହିଭଳି ଏକ ସନ୍ଧିକ୍ଷଣରେ ନେପୋଲିୟନ ବୋନାପାର୍ଟ ଜଣେ ଆତତାୟୀ ଭଳି ୧୮୦୦ ମିସହାରେ ବଳପୂର୍ବକ କ୍ଷମତା ଦଖଲ କଲେ । କ୍ଷମତାକୁ ଆସିବା ମାତ୍ରେ ହିଁ ସେ ଅତର୍କିତ ଭାବେ ବିପ୍ଳବର ମର୍ମବସ୍ତୁ ଉପରେ ଆଘାତ ହାଣିଲେ ଏବଂ ବୁର୍ଜୁଆ ସ୍ୱେରାଚାରୀ ରାଜତନ୍ତ୍ର ପ୍ରତିଷ୍ଠା କଲେ । ତାଙ୍କର ଶାସନରେ ‘କୋଡ ନେପୋଲିୟନ’ ନୀତିଦ୍ୱାରା ପ୍ରଜାତନ୍ତ୍ରର କିଛି ଦାବି ଗ୍ରହଣୀୟ ହୋଇଥିଲେ ମଧ୍ୟ ପ୍ରଥମ ଫରାସୀ ପ୍ରଜାତନ୍ତ୍ରର ମୃତ୍ୟୁ ଘଟିଥିଲା । ୧୮୧୫ ମସିହାରେ ହୋଇଥିବା ୱାଟରଲୁ ଯୁଦ୍ଧରେ ନେପୋଲିୟନଙ୍କ ପତନ ହେବା ପରେ କିଛି ଦିନ ପାଇଁ ଅନିଶ୍ଚିତତା ଲାଗି ରହିଥିଲା । ଫ୍ରାନ୍ସର ପୁରାତନ ସାମନ୍ତୀ ବ୍ୟବସ୍ଥାକୁ ପୁନର୍ବାର ଫେରାଇ ଆଣିବା ପାଇଁ ଷଡଯନ୍ତ୍ର ଆରମ୍ଭ ହେଲା । ପୁରାତନ ବୁରଧୋଁ ରାଜବଂଶର ଅଷ୍ଟାଦଶ ଲୁଇଙ୍କୁ କ୍ଷମତାରେ ଅଧିଷ୍ଠିତ କରାଗଲା । ତାଙ୍କର ମୃତ୍ୟୁପରେ ତାଙ୍କ ଭାଇ ଦଶମ ଚାର୍ଲସ କ୍ଷମତାରେ ବସିଲେ । ରାଜତନ୍ତ୍ର ତଥା ପୁରାତନ ପରିତ୍ୟକ୍ତ ଭାବାଦର୍ଶର ଉଗ୍ର ସମର୍ଥକ ଦଶମ ଚାର୍ଲସ କ୍ଷମତାକୁ ଆସି ଆଇନସଭା ଭାଙ୍ଗି ଦେଲେ, ସମ୍ବାଦପତ୍ରର ସ୍ୱାଧୀନତା ହରଣ କଲେ । ଭୋଟ ଅଧିକାରକୁ ଆହୁରି ସଙ୍କୁଚିତ କରି ଫ୍ରାନ୍ସର ସ୍ୱେରାଚାରୀ ଆଇନ କାଏମ କଲେ । ବିପ୍ଳବ ପରବର୍ତ୍ତୀ ଶାସନ କାଳରେ ଧର୍ମ ଓ ଶିକ୍ଷା କ୍ଷେତ୍ରରେ ଧର୍ମଯାଜକ ଏବଂ ଅଭିଜାତମାନଙ୍କ ନିକଟରୁ ଯେଉଁ କ୍ଷମତା ଓ ସଂପତ୍ତି ଛଡାଇ ନିଆଯାଇଥିଲା ତାହା ପୁଣି ସେମାନଙ୍କୁ ଫେରାଇ ଦିଆଗଲା । ଏହାର ପ୍ରତିକ୍ରିୟାରେ ୧୮୩୦ ମସିହା ଜୁଲାଇ ମାସରେ ଫ୍ରାନ୍ସରେ ଏକ ଗଣ ଅଭୁତ୍ଥାନ ସଂଗଠିତ ହୋଇଥିଲା । ଦଶମ ଚାର୍ଲସ କ୍ଷମତାରୁ ଉତ୍‌ଖାତ ହୋଇଥିଲେ, ତେବେ ବୁରବୋଁ ରାଜବଂଶର ଶାସନ ପରିବର୍ତ୍ତନ ହୋଇଥିଲେ ବି ରାଜତନ୍ତ୍ର ତିଷ୍ଠି ରହିଥିଲା ଓ ବୁରବୋଁ ରାଜବଂଶର ଜଣେ ଆତ୍ମୀୟ ଅଲିୟାନିଷ୍ଟ ପରିବାରର ରାଜା ଲୁଇ ଫିଲିଫ୍ କ୍ଷମତାରେ ଅଧିଷ୍ଠିତ ହୋଇଥିଲେ । ଏହି ଶାସନକୁ ମହାନ କାର୍ଲ ମାର୍କ୍ସ ‘ବୁର୍ଜୁଆ ରାଜତନ୍ତ୍ର’ ଆଖ୍ୟା ଦେଇଥିଲେ ।

ଅନ୍ୟପଟରେ ସେହି ସମୟରେ ଫ୍ରାନ୍ସରେ ପ୍ରଚୁର ସଂଖ୍ୟାରେ ସୁତାକଳମାନ ଗଢି ଉଠିଥିଲା । ତେବେ ଅନ୍ୟାନ୍ୟ ୟୁରୋପୀୟ ରାଷ୍ଟ୍ର ତୁଳନାରେ ଫ୍ରାନ୍ସରେ ଶିଳ୍ପ ବିକାଶର ଗତି ଖୁବ ମନ୍ଥର ଥିଲା । ୧୮୩୦ ଏବଂ ୧୮୪୮ ମସିହା ମଧ୍ୟରେ ଲୁଇ ଫିଲିଫଙ୍କ ଶାସନ କାଳରେ ନୂତନ ପ୍ରଯୁକ୍ତି ବିଦ୍ୟା ସହ ତାଳ ଦେଇ ଶିଳ୍ପ ବିକାଶ ମଧ୍ୟ ବୃଦ୍ଧି ପାଇଥିଲା । ଆନ୍ତର୍ଜାତିକ ପ୍ରତିଯୋଗୀତାମୂଳକ ପୁଞ୍ଜିବାଦୀ ବଜାରରେ ଫ୍ରାନ୍ସ ଏକ ଶକ୍ତିଶାଳୀ ଅଂଶୀଦାର ଭାବେ ଉଭା ହେଲା । ବୃହତ ଶିଳ୍ପଦ୍ୟୋଗ ଗଢି ଉଠିବା ସଙ୍ଗେ ସଙ୍ଗେ ଶ୍ରମିକମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧିପାଇଲା । ଗ୍ରାମାଞ୍ଚଳରୁ ଲୋକେ କାରଖାନାରେ କାମ କରିବା ପାଇଁ ଦଳ ଦଳ ହୋଇ ମାଡି ଆସିଲେ । ବ୍ୟାଙ୍କଗୁଡିକ ମଧ୍ୟ ବିକାଶଲାଭ କଲା । ତେବେ ଏହା ପାଖାପାଖି ମଧ୍ୟ ବର୍ଜୁଆ ଓ ଶ୍ରମଜୀବୀ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ତୀବ୍ର ହେବାକୁ ଲାଗିଲା । ଶ୍ରମିକ ଓ ଅନ୍ୟାନ୍ୟ ଶୋଷିତ ମଣିଷଙ୍କର ବିକ୍ଷୋଭ ଅସନ୍ତୋଷ ବି ବଢିବାରେ ଲାଗିଲା । ୧୮୪୫ ମସିହା ପରଠୁ ସମଗ୍ର ଫ୍ରାନ୍ସ ଅଭୁତପୂର୍ବ ଅର୍ଥନୈତିକ ସଂକଟ ମଧ୍ୟ ଦେଇ ଗତି କଲା । ଆଳୁଚାଷ ଭୀଷଣଭାବେ କ୍ଷତିଗ୍ରସ୍ତ ହେବାରୁ କୃଷକ ଓ ସାଧାରଣ ଲୋକଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ଓ କ୍ଷୋଭର ପ୍ରଭାବ ମଧ୍ୟ ଫ୍ରାନ୍ସ ଉପରେ ପଡିଲା । କ୍ଷୁଦ୍ର ପୁଞ୍ଜିର ମାଲିକମାନେ ସର୍ବସ୍ୱାନ୍ତ ହୋଇଗଲେ । ବର୍ଜୁଆମାନଙ୍କର ଏକ ବଡ ଅଂଶ ମଧ୍ୟ ଦେବାଳିଆ ହୋଇଗଲେ । କଳ କାରାଖାନା ବନ୍ଦ ହେବାକୁ ଲାଗିଲା । ସମଗ୍ର ଫ୍ରାନ୍ସରେ ଶ୍ରମିକ ଧର୍ମଘଟ ଆରମ୍ଭ ହୋଇଗଲା । ଲୁଇ ଫିଲିଫ ସରକାର ଉପରେ ସଂଖ୍ୟାଗରିଷ୍ଠ ଲୋକଙ୍କର ଆସ୍ଥା ତୁଟିଗଲା । ଏହି ପରିସ୍ଥିତିରେ ୧୮୪୮ ମସିହା ଫେବୃୟାରୀ ମାସରେ ଲୁଇ ଫିଲିଫ୍‌ଙ୍କ ଶାସନ ବିରୁଦ୍ଧରେ ଗଣ ଅଭ୍ୟୁତ୍ଥାନ ସଂଗଠିତ ହେଲା । ବର୍ଜୁଆଶ୍ରେଣୀ ନେତୃତ୍ୱରେ ଏହି ଅଭ୍ୟୁତ୍ଥାନ ଶ୍ରମିକମାନଙ୍କ ବ୍ୟାପକ ଯୋଗଦାନ ଫଳରେ ସର୍ବାତ୍ମକ ବିପ୍ଳବରେ ପରିଣତ ହେଲା । ଲୁଇ ଫିଲିଫଙ୍କ ପତନ ଘଟିଲା । ଫେବୃୟାରୀ ୨୫ ତାରିଖରେ ଆନୁଷ୍ଠାନିକ ଭାବରେ ରାଜତନ୍ତ୍ରର ଅବସାନ ହୋଇ ଦ୍ୱିତୀୟ ବୁର୍ଜୁଆ ପ୍ରଜାତନ୍ତ୍ର ପ୍ରତିଷ୍ଠା ହେଲା ଏବଂ ଲୁଇ ବୋନାପାର୍ଟ କ୍ଷମତାରେ ଅଧିଷ୍ଠିତ ହେଲେ ।

ପୂର୍ବର ବର୍ଜୁଆ ରାଜତନ୍ତ୍ର ପକ୍ଷରେ ପ୍ରଶାସନ ସମେତ ସମସ୍ତ କ୍ଷେତ୍ରରେ ସାମନ୍ତତାନ୍ତ୍ରିକ ପ୍ରଭାବକୁ ସଂପୂର୍ଣ୍ଣ ଧ୍ୱଂସ କରିବା ଐତିହାସିକ କାରଣରୁ ସମ୍ଭବ ହୋଇନଥିଲା । ଶିଳ୍ପ ମାଲିକ ବୁର୍ଜୁଆମାନେ ଲୁଇ ଫିଲିଫ୍‌ଙ୍କ ସଂସଦରେ ମଧ୍ୟ ସଂଖ୍ୟାଲଘୁ ଥିଲେ । ତେଣୁ ଶତ ପ୍ରତିଶତ ବୁର୍ଜୁଆ ଶାସନ ପ୍ରତିଷ୍ଠା କରିବା ଏବଂ ନିଜର ଗୋଷ୍ଠୀଙ୍କୁ ସଂସଦରେ ସଂଖ୍ୟାଗରିଷ୍ଠ ଅଂଶରେ ପରିଣତ କରିବାର ଲକ୍ଷ୍ୟରେ ଶିଳ୍ପମାଲିକମାନେ ଏହି ଲଢେଇରେ ଅଂଶଗ୍ରହଣ କରିଥିଲେ । ପ୍ରଜାତନ୍ତ୍ରରେ ବିଶ୍ୱାସୀ ଉଦାରନୈତିକ ପେଟି ବୁର୍ଜୁଆମାନଙ୍କର ସମର୍ଥନ ମଧ୍ୟ ଏମାନେ ପାଇଥିଲେ । ଶୋଷିତ ନିଷ୍ପେଷିତ ଶ୍ରମିକ ଓ କୃଷକମାନେ ମଧ୍ୟ ରାଜତନ୍ତ୍ରର ବିରୋଧୀ ହୋଇ ପଡିଥିଲେ । ତେଣୁ ଏହି ଲଢେଇରେ ସେମାନେ ସାମିଲ ହେବା ଫଳରେ ଫ୍ରାନ୍ସର ଇତିହାସରେ ଏକ ଅଭୁତପୂର୍ବ ଲଢେଇର ସୂତ୍ରପାତ ହୋଇଥିଲା ।

ଶିଳ୍ପମାଲିକମାନେ ନିର୍ବାଚନ ବ୍ୟବସ୍ଥାର ଗଣତାନ୍ତ୍ରିକରଣ ମାଧ୍ୟମରେ ଶାସନ କ୍ଷମତାରେ ଅଂଶୀଦାର ହେବାପାଇଁ ଏବଂ ସମ୍ଭବ ହେଲେ ସେତେବେଳେ ମଧ୍ୟ ତିଷ୍ଠି ରହିଥିବା ସାମନ୍ତତାନ୍ତ୍ରିକ ଯୋଗସୂତ୍ରଗୁଡିକୁ ଧ୍ୱଂସ କରି ରାଜତନ୍ତ୍ରକୁ ସଂପୂର୍ଣ୍ଣ ଭାବେ ବୁର୍ଜୁଆ ନିୟମତାନ୍ତ୍ରିକ ରାଜତନ୍ତ୍ରରେ ପରିଣତ କରିବା ପାଇଁ ଚାହିଁଥିଲେ । କିନ୍ତୁ ଏହି ସଂଗ୍ରାମରେ ମେହନତି ଜନଗଣ ଅଂଶଗ୍ରହଣ କରିଥିବା ଯୋଗୁଁ ଏତିକି ମାତ୍ର ଦାବି ହାସଲ ମଧ୍ୟରେ ସଂଗ୍ରାମକୁ ସୀମାବଦ୍ଧ କରି ରଖାଯାଇ ପାରିଲା ନାହିଁ । ଶ୍ରମିକଶ୍ରେଣୀର ବୈପ୍ଳବିକ ଶକ୍ତି ସେଦିନ ଅନିଚ୍ଛୁକ ବୁର୍ଜୁଆଶ୍ରେଣୀକୁ ରାଜତନ୍ତ୍ରର ଅବସାନ ଘଟାଇ ପ୍ରଜାତନ୍ତ୍ର ପ୍ରତିଷ୍ଠା କରିବାକୁ ବାଧ୍ୟ କରିଥିଲା । ଫଳରେ ବୁର୍ଜୁଆମାନଙ୍କର ର୍‌ୟାଡିକାଲ ଅଂଶ ଯେଉଁମାନେ ପ୍ରଜାତନ୍ତ୍ର ପ୍ରତିଷ୍ଠାର ପକ୍ଷପାତି ଥିଲେ ସେମାନଙ୍କ ହାତକୁ ନେତୃତ୍ୱ ଚାଲିଯାଇଥିଲା । ଶ୍ରେଣୀ ଚେତନାର ଅଭାବ ଫଳରେ ମେହନତି ଜନଗଣ ଭାବିଥିଲେ ଯେ ଏହି ପ୍ରଜାତନ୍ତ୍ର ପ୍ରତିଷ୍ଠା ମାଧ୍ୟମରେହିଁ ଶୋଷଣର ଅବସାନର ଆୟମାରମ୍ଭ ଘଟିବ । ତେଣୁ ସେମାନେ ସମସ୍ତ ଶକ୍ତି ଦେଇ ଏହି ଲଢେଇରେ ସାମିଲ ହୋଇଥିଲେ । ଏକ ଅସ୍ଥାୟୀ ସରକାର ଗଠିତ ହେଲା । ସମଗ୍ର ପ୍ୟାରିସରେ ପ୍ରତିଧ୍ୱନିତ୍ୱ ହେଲା ସ୍ୱାଧୀନତା, ସାମ୍ୟ, ଭାତୃତ୍ୱର ବାଣୀ । ଫେବୃୟାରୀ ବିପ୍ଳବ ମଧ୍ୟ ଦେଇ ଏତେଦିନ ଧରି ଚାଲିଥିବା ମାତ୍ର କେତେଟି ହାତଗଣତି ବୁର୍ଜୁଆ ଗୋଷ୍ଠି ପରିବର୍ତ୍ତେ ଶ୍ରମିକ, କୃଷକ, ପେଟି ବୁର୍ଜୁଆ ସମେତ ଫରାସୀ ସମାଜର ସବୁ ଶ୍ରେଣୀର ଜନଗଣ ରାଜନୈତିକ କ୍ରିୟାକଳାପ ସହିତ ଯୁକ୍ତ ହେଲେ । ଅନ୍ୟଦିଗରେ କିନ୍ତୁ ଦେଖାଗଲା ନୂତନ ସରକାରର ମନ୍ତ୍ରୀ ପଦ ଗୁଡିକୁ ବୁର୍ଜୁଆମାନେ ନିଜ ନିଜ ମଧ୍ୟରେ ବାଣ୍ଟିନେଲେ । ଅସ୍ଥାୟୀ ସରକାରରେ ଶ୍ରମିକଶ୍ରେଣୀର ଦୁଇ ଜଣ ମାତ୍ର ପ୍ରତିନିଧି ରହିଲେ । ସେମାନେ ହେଲେ ଲୁଇ ବ୍ଳାଁ ଏବଂ ଆଲବେର ଯେଉଁମାନଙ୍କୁ ବସ୍ତୁତଃ କ୍ଷମତାଶୂନ୍ୟ କରି ରଖାଯାଇଥିଲା ।



୧୮୩୦ ଜୁଲାଇ ମାସରେ ହୋଇଥିବା ଲଢେଇରେ ବୁର୍ଜୁଆ ରାଜତନ୍ତ୍ର ଏବଂ ୧୮୪୮ ମସିହାରେ ହୋଇଥିବା ଲଢେଇରେ ବୁର୍ଜୁଆ ପ୍ରଜାତନ୍ତ୍ର ପ୍ରତିଷ୍ଠିତ ହୋଇଥିଲା । ମାର୍କ୍ସ ଦର୍ଶାଇଲେ, “ଅସ୍ଥାୟୀ ସରକାରକୁ ସମଗ୍ର ଫ୍ରାନ୍ସରେ, ଅସ୍ଥାୟୀ ସରକାର ଜରିଆରେ ପ୍ରଜାତନ୍ତ୍ର ପ୍ରତିଷ୍ଠା କରିବାକୁ ବାଧ୍ୟ କରି ଶ୍ରମିକଶ୍ରେଣୀ ତତ୍‌କ୍ଷଣାତ୍ ଏକ ସ୍ୱାଧୀନ ଶକ୍ତି ଭାବେ ସମାଜ ସମ୍ମୁଖରେ ଆତ୍ମ ପ୍ରକାଶ କରିଥିଲା । ପୁଣି ସେଥି ସହିତ ସମଗ୍ର ବର୍ଜୁଆ ଫ୍ରାନ୍ସକୁ ତା ବିରୁଦ୍ଧରେ ଅବତୀର୍ଣ୍ଣ ହେବାକୁ ଆହ୍ୱାନ ମଧ୍ୟ ଜଣାଇଥିଲା । ସେ ଜୟଲାଭ କରି ଯାହା ହାସଲ କରିଥିଲା ତାହା କଦାପି ତାର ମୁକ୍ତି ନୁହେଁ, ତାହା ଥିଲା ତା’ର ବୈପ୍ଳବିକ ମୁକ୍ତି ଅର୍ଜନ ନିମନ୍ତେ ଲଢିବାର ଭିତ୍ତି ।”

ଅସ୍ଥାୟୀ ସରକାରର ଶାସନ କାଳରେ ଶ୍ରମିକମାନେ ଅସ୍ତ୍ରଧାରଣର ଅଧିକାର ପାଇଲେ । ନ୍ୟାସନାଲ ଗାର୍ଡରେ ଯୋଗଦାନ କରିବା କ୍ଷେତ୍ରରେ ଆଉ କୌଣସି ବାଧା ରହିଲା ନାହିଁ । ଜୀବିକା ଅଧିକାରର ପ୍ରତିଶ୍ରୁତି ଆଦାୟ ହେଲା । ବେକାର ଶ୍ରମିକମାନଙ୍କୁ କାମ ଦେବାପାଇଁ ଗଠିତ ହେଲା ଜାତୀୟ କର୍ମଶାଳା । ହଜାର ହଜାର ବେକାର ଶ୍ରମିକ କର୍ମଶାଳାର ରେଜିଷ୍ଟରରେ ନାମ ଲେଖାଇ ମାଟି ଖୋଳିବା, ରାସ୍ତା ତିଆରି କରିବା, ଗଛ ଲଗାଇବା ଭଳି କଠିନ କାମ କରିବାକୁ ଲାଗିଲେ । ଖୋଲା ଆକାଶ ତଳେ ଏହା ହିଁ ଥିଲା ଜାତୀୟ କର୍ମଶାଳା, ଶ୍ରମନିବାସ । ରାଜନୈତିକ ଚେତନାରେ ଅପରିପକ୍ୱ ଶ୍ରମିକଶ୍ରେଣୀ ଏହି ସରକାରକୁ ତାର ନିଜର ମନେକରୁଥିଲା । ଧରି ନେଇଥିଲା ଯେ ଏହି ସରକାର ସୌଭାତୃତ୍ୱ ଆଦର୍ଶରେ ଗଠିତ ଏବଂ ଶ୍ରେଣୀ ନିରପେକ୍ଷତାର ପ୍ରତୀକ । ଭାବି ନେଇଥିଲା ସେ ନିଜେ ଏହି ପ୍ରଜାତନ୍ତ୍ରକୁ ସୃଷ୍ଟି କରିଛି । ଫଳରେ ଫ୍ରାନ୍ସର ଶ୍ରମିକଶ୍ରେଣୀ ଅସ୍ଥାୟୀ ସରକାରକୁ ତାର ପ୍ରତିଟି କାର୍ଯ୍ୟରେ ଏଭଳି ଭାବେ ସହଯୋଗ କଲା, ଯାହାକି ବୁର୍ଜୁଆ ଶାସନ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିଥିଲା । ଲୁଇ ବ୍ରାଁ ଶ୍ରମିକ ଓ ମାଲିକମାନଙ୍କ ମଧ୍ୟରେ ମଜୁରୀ ସଂକ୍ରାନ୍ତୀୟ ବିରୋଧିତା ସମାଧାନ କରିବା କ୍ଷେତ୍ରରେ ମଧ୍ୟସ୍ଥିର ଭୂମିକା ପାଳନ କରିଥିଲେ ।(ଲୁଇ ବ୍ରାଁ ଫ୍ରାନ୍ସର କଳ୍ପନା ବିଳାସୀ ସମାଜତନ୍ତ୍ରୀ ନେତା ଥିଲେ । ଶ୍ରମିକ ଶ୍ରେଣୀର ଶ୍ରେଣୀ ସଂଗ୍ରାମ ମଧ୍ୟ ଦେଇ ମାନବ ସମାଜ ମଜୁରୀ ଦାସତ୍ୱରୁ ଯେ ମୁକ୍ତି ପାଇବ, ଏହା ସେ ବିଶ୍ୱାସ କରୁନଥିଲେ । ମୁଷ୍ଟିମେୟ ବୁଦ୍ଧୀଜୀବୀମାନଙ୍କର ଷଡଯନ୍ତ୍ର ଫଳରେ ଏହା ହୋଇଯିବ ବୋଲି ମନେକରୁଥିଲେ ।)

ତେବେ ଏହି ପ୍ରଜାତନ୍ତ୍ର ଉପରୁ ଶୋଷିତ ମଣିଷର ମୋହ ତୁଟିବାକୁ ବେଶୀ ସମୟ ଲାଗିନଥିଲା । ଅସହ୍ୟ ଶୋଷଣ ନିର୍ଯାତନାରେ ଦିନ ବିତିବାକୁ ଲାଗିଲା । କ୍ଷୁଧା ଓ ବେକାରୀ ତୀବ୍ର ଭାବେ ବୃଦ୍ଧି ପାଇବାରେ ଲାଗିଲା । ସେତେବେଳେ ସମଗ୍ର ୟୁରୋପରେ ତୀବ୍ର ଅର୍ଥନୈତିକ ସଂକଟ ଅବ୍ୟାହତ ଥିଲା । ଫ୍ରାନ୍ସରେ ଅସ୍ଥାୟୀ ସରକାରକୁ ମଧ୍ୟ ଏହି ସଂକଟର ସମ୍ମୁଖୀନ ହେବାକୁ ପଡିଥିଲା । କିନ୍ତୁ ଏହି ସଂକଟରୁ ମୁକୁଳିବା ପାଇଁ ସରକାର ବ୍ୟାଙ୍କ ମାଲିକ, ମହାଜନ ବା ଶିଳ୍ପପତିମାନଙ୍କ ପରିବର୍ତ୍ତେ ସମାଜର ସଂଖ୍ୟାଗରିଷ୍ଠ ଶ୍ରମିକ କୃଷକମାନଙ୍କ ଉପରେ ବ୍ୟାପକ କର ବୋଝ ଲଦି ଦେଲେ । ଅନ୍ୟପଟରେ ଫେବୃୟାରୀ ବିପ୍ଳବର ସମସ୍ତ ବ୍ୟୟ ଏହିମାନଙ୍କୁ ବହନ କରିବାକୁ କୁହାଗଲା । ଲୋକେ ହୃଦୟଙ୍ଗମ କରିପାରିଲେ ଯେ ଏ ସରକାର ଏକ ଜନବିରୋଧି ବୁର୍ଜୁଆ ସରକାର ।

କ୍ରମଶଃ...

Regd.No-ORI ORI/2011/37220 VOL.NO. - 09, ISSUE NO. - 6 ● ମୂଲ୍ୟ : ୫ ଟଙ୍କା/-

# ଶିକ୍ଷା ଧ୍ୱଂସକାରୀ ଏନଇପି-୨୦୨୦ ବାତିଲ ତଥା ଅନ୍ୟାନ୍ୟ ଶିକ୍ଷାଗତ ଦାବିରେ ଏଆଇଡିଏସ୍‌ଓ ଉଦ୍ୟୋଗରେ ୧୧ତମ ସାରା ଓଡିଶା ଛାତ୍ର ସମ୍ମିଳନୀ ଉଦ୍‌ଯାପିତ

ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି -୨୦୨୦ ପ୍ରତ୍ୟାହାର କରିବା, ରାଜ୍ୟରେ ବନ୍ଦ ହୋଇଥିବା ସମସ୍ତ ବିଦ୍ୟାଳୟ ଖୋଲିବା, ଖାଲି ପଡିଥିବା ସମସ୍ତ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀ ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ କରିବା, ଶିକ୍ଷା କ୍ଷେତ୍ରରେ ଫିସ୍ ବୃଦ୍ଧି-ଘରୋଇକରଣ, ବ୍ୟବସାୟୀକରଣ ବନ୍ଦ କରିବା, ଇତିହାସ ଓ ବିଜ୍ଞାନର ବିକୃତିକରଣ ଏବଂ ଶିକ୍ଷାର ସାଂପ୍ରଦାୟିକରଣ ବନ୍ଦ କରିବା ତଥା ଅନ୍ୟାନ୍ୟ ଶିକ୍ଷାଗତ ଦାବିରେ ଏଆଇଡିଏସଓ ଉଦ୍ୟୋଗରେ ଗତ ସେପ୍ଟେମ୍ବର ୧୦-୧୧ ତାରିଖ ଦିନ ୧୧ତମ ସାରା ଓଡିଶା ବିଶାଳ ଛାତ୍ର ସମ୍ମିଳନୀ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀର ପ୍ରଥମ ଦିବସରେ ୫ ହଜାରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ପ୍ରକାଶ୍ୟ ଅଧିବେଶନ ଓ ଦ୍ୱିତୀୟ ଦିବସରେ ୭ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରତିନିଧି ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ସାରା ଓଡିଶା ଛାତ୍ର ସମ୍ମିଳନୀର ପ୍ରକାଶ୍ୟ ଅଧିବେଶନ ସେପ୍ଟେମ୍ବର ୧୦ତାରିଖ ଦିନ ଅପରାହ୍ନ ସମୟରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମଠାରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦିପନାର ସହ ଅନୁଷ୍ଠିତ ହୋଇଯାଇଛି । ଅଧିବେଶନ ପୂର୍ବରୁ ସମଗ୍ର ଓଡିଶାରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କର ଏକ ବିଶାଳ ସୁସଜ୍ଜିତ ପଟୁଆର ବ୍ରହ୍ମପୁର ସହର ପରିକ୍ରମା କରିଥିଲା । ପ୍ରତିନିଧି ମାନେ ବିଭିନ୍ନ ଶିକ୍ଷା ଗତ ଦାବି ଉପରେ ସ୍ଲୋଗାନ ଦେଇ ଆଗେଇ ଚାଲିଥିଲେ । ଏଆଇଡିଏସଓର ପତାକାଉତ୍ତୋଳନ କରିଥିଲେ ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ୍ ସୌରଭ ଘୋଷ । ଛାତ୍ର ଆନ୍ଦୋଳନର ଶହୀଦମାନଙ୍କ ଉଦ୍ଦେଶ୍ୟରେ ସ୍ଥାପିତ ଶହୀଦ ବେଦୀରେ ମାଲ୍ୟାର୍ପଣ କରାଯାଇଥିଲା । ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ନାମରେ ନାମିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ ଠାରେ ଅନୁଷ୍ଠିତ ପ୍ରକାଶ୍ୟ ଅଧିବେଶନ ମଂଚରେ ସଭାପତିତ୍ୱ କରିଥିଲେ ସଙ୍ଗଠନର ରାଜ୍ୟ ସଭାପତି କମ୍ରେଡ୍ ଗଣେଶ ତ୍ରିପାଠୀ । ମୁଖ୍ୟବକ୍ତା ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ ଏସୟୁସିଆଇ(ସି) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ବିଷ୍ଣୁ ଦାସ । ସର୍ବଭାରତୀୟ ସଭାପତି କମ୍ରେଡ୍ ଭି.ଏନ ରାଜଶେଖର ସମ୍ମାନିତ ଅତିଥି ଭାବେ ନିଜର ବକ୍ତବ୍ୟ ଉପସ୍ଥାନ କରିଥିଲେ । ରାଜ୍ୟ ସମ୍ପାଦକ ସୁବାସ ନାୟକ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ । ଆଗାମୀ ଦିନରେ ଶିକ୍ଷା ସଭ୍ୟତାକୁ ରକ୍ଷା କରିବାର ମହାନ ଦାୟିତ୍ୱ ନେଇ ଆଗେଇଯିବେ ବୋଲି ଛାତ୍ର ସମ୍ମିଳନୀରେ ଛାତ୍ର ଛାତ୍ରୀ ମାନେ ଶପଥ ନେଇଥିଲେ । ସେପ୍ଟେମ୍ବର ୧୧ ତାରିଖ ଦିନ ସଂସ୍କୃତି ଭବନରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନାମରେ ନାମିତ ମଂଚରେ ଅନୁଷ୍ଠିତ ପ୍ରତିନିଧି ଅଧିବେଶନକୁ ସଙ୍ଗଠନର ରାଜ୍ୟ ସଭାପତି କମ୍ରେଡ୍ ଗଣେଶ ତ୍ରିପାଠୀ ନେତୃତ୍ୱରେ କମ୍ରେଡ୍ ବବି ବଳବନ୍ତରାୟ, କମ୍ରେଡ୍ ଜୟନ୍ତ ମହାନ୍ତି, କମ୍ରେଡ୍ ମଧୁମିତା ସାହୁ, କମ୍ରେଡ୍ କ୍ରିଷ୍ଣାରାଣୀ ସାହୁ, କମ୍ରେଡ୍ ଶାସ୍ୱତ ସାହୁ ଓ କମ୍ରେଡ୍ ରେଖା ଦଣ୍ଡପାଟଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ । ଏସୟୁସିଆଇ(ସି) ରାଜ୍ୟ ସମ୍ପାଦକ କମ୍ରେଡ୍ ଶଙ୍କର ଦାସଗୁପ୍ତ ମୁଖ୍ୟ ଅତିଥି, ଏଆଇଡିଏସ୍‌ଓର ସର୍ବଭାରତୀୟ ସଭାପତି ଭି.ଏନ ରାଜଶେଖର ସମ୍ମାନିତ ଅତିଥି ଏବଂ ଏଆଇଡିଏସ୍‌ଓର ସର୍ବଭାରତୀୟ ସାଧାରଣ ସଂପାଦକ କମ୍ରେଡ୍ ସୌରଭ ଘୋଷ ମୁଖ୍ୟ ବକ୍ତା ଭାବେ ନିଜର ବକ୍ତବ୍ୟ ଉପସ୍ଥାନ କରିଥିଲେ । କମ୍ରେଡ ସିଦ୍ଧାର୍ଥ ରଥ ମୁଖ୍ୟ ଚିଠା ପ୍ରସ୍ତାବ ଉପସ୍ଥାନ କରିଥିବା ବେଳେ ରାଜ୍ୟ ସମ୍ପାଦକ କମ୍ରେଡ୍ ସୁବାସ ନାୟକ ସାଙ୍ଗଠନିକ ବିବରଣୀ ଉପସ୍ଥାପନ କରିଥିଲେ । ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୭୫ ଜଣ ପ୍ରତିନିଧି ମୁଖ୍ୟ ଚିଠା ପ୍ରସ୍ତାବ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସମ୍ମିଳନୀରେ ଛାତ୍ର ସଂସଦ ନିର୍ବାଚନ କରିବା, ବନ୍ଦ ହୋଇଥିବା ୧୪୩୭୯ ସରକାରୀ ବିଦ୍ୟାଳୟ ଖୋଲିବା, ଏନ୍.ଏମ୍.ସି ବିଲ ଓ ଏକ୍‌ଜିଟ ଟେଷ୍ଟ ବାତିଲ କରିବା ତଥା ଦେଶରେ ସାଂପ୍ରଦାୟିକତା ଦୁର କରିବା ସଂପର୍କିତ ପ୍ରସ୍ତାବମାନ ଗୃହୀତ ହୋଇଥିଲା । ଖ୍ୟାତିସଂପନ୍ନ ଭାସ୍କର ଡି.ରବିନାରାୟଣ ରଥ ସମ୍ମିଳନୀ କକ୍ଷରେ ରଖାଯାଇଥିବା ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରି ସଙ୍ଗଠନ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ । ଆଗାମୀ ଦିନରେ ଶିକ୍ଷା ଓ ଛାତ୍ର ଆନ୍ଦୋଳନକୁ ଆଗେଇନେବା ପାଇଁ ସଭାପତି ଭାବେ କମ୍ରେଡ୍ ସୋମନାଥ ବେହେରା ଓ ସଂପାଦକ କମ୍ରେଡ୍ ସିଦ୍ଧାର୍ଥ ରଥ, ଉପସଭାପତି ଭାବେ କମ୍ରେଡ୍ ନିରୁପମା ବେହେରା, କମ୍ରେଡ୍ ସୁନିଲ ଭୋଇ, କମ୍ରେଡ୍ ଭାଗ୍ୟରବି ଦାସ, ଅଫିସ ସଂପାଦକ କମ୍ରେଡ୍ ନସିମ ସରକାର, କୋଷାଧ୍ୟକ୍ଷ କମ୍ରେଡ୍ ସପ୍ତର୍ଶିନୀ ରାଉଳଙ୍କୁ ନେଇ ୨୨ଜଣିଆ ସଂପାଦକ ମଣ୍ଡଳୀ, ୩୭ଜଣିଆ ରାଜ୍ୟ କମିଟି ସହିତ ୭୫ଜଣିଆ କାଉନସିଲକୁ ନେଇ ଏକ ୧୩୪ଜଣିଆ ଏଆଇଡିଏସଓ ଓଡିଶା ରାଜ୍ୟ ପରିଷଦ ଗଠନ କରାଯାଇଥିଲା । ★★★




## ଶ୍ରମିକଶ୍ରେଣୀ ସ୍ୱାର୍ଥ ବିରୋଧି.....

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ମଜୁରି ନିର୍ଦ୍ଧାରଣ ଏବଂ ଚାକିରିର ସର୍ତ୍ତାବଳୀ ନିର୍ଦ୍ଧାରଣ କ୍ଷେତ୍ରରେ ସେମାନଙ୍କର ମତାମତ ଉପସ୍ଥାପନ କରିବାର ଅଧିକାରରୁ ବଂଚିତ ହେବେ । ବସ୍ତୁତଃ ଏହା ସ୍ୱତନ୍ତ୍ର ଭାବେ ନିଯୁକ୍ତିଦାତାଙ୍କ ଅଧିକାରକୁ ସୁରକ୍ଷିତ କରିବ ।

ବର୍ତ୍ତମାନ ଆଧୁନିକକରଣ ନାମରେ ବ୍ୟାପକ ଯାନ୍ତ୍ରିକରଣ ଚାଲିଛି । ଶ୍ରମିକମାନଙ୍କୁ ଶାରୀରିକ ଶ୍ରମରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଯାନ୍ତ୍ରିକରଣ କରାଯାଉ ନାହିଁ ବରଂ ଶ୍ରମିକମାନଙ୍କୁ ଛଟେଇ କରିବା କ୍ଷେତ୍ରରେ ଏକ ବାହାନା ଭାବରେ ବ୍ୟବହୃତ ହେଉଛି । କାରିଗରି ବିକାଶ ମାନବ ସମ୍ବଳକୁ କର୍ମଚ୍ୟୁତ କରୁଛି । ଏହି କାରଣରୁ ୭୪ଭାଗ ଶିଳ୍ପ ସଂସ୍ଥା ଏବଂ କଳକାରଖାନା ୧୦୦ରୁ କମ୍ ଲୋକଙ୍କୁ ନେଇ ଚାଲୁଛି । ଏହି ପ୍ରକ୍ରିୟା ଚାଲୁ ରହିଲେ ନିକଟ ଭବିଷ୍ୟତରେ ଶ୍ରମିକମାନଙ୍କ ସଂଖ୍ୟା ଆହୁରି ହ୍ରାସ ପାଇବ । ୧୦୦ରୁ କମ ଶ୍ରମିକଙ୍କୁ ଦେଉଥିବା ଶିଳ୍ପସଂସ୍ଥାଗୁଡିକୁ ଆଇନର ପରିସର ଭୁକ୍ତକରିବା ଆବଶ୍ୟକ । ଯାହାଦ୍ୱାରା ସର୍ବାଧିକ ସଂଖ୍ୟାରେ ଶ୍ରମିକ ଶ୍ରମ ଆଇନ ବଳରେ ସେମାନଙ୍କର ଅଧିକାର ଓ ସୁବିଧା ସୁଯୋଗର ହକଦାର ହୋଇ ପାରିବେ । ଏହା କରିବା ପରିବର୍ତ୍ତେ ଶ୍ରମିକ ସ୍ୱାର୍ଥ ବିରୁଦ୍ଧରେ ଏବଂ ଯେଉଁ ଶିଳ୍ପଗୁଡିକ ଆଧୁନିକୀକରଣ କରି ଏବଂ ଯେତେ ଅଧିକ ସମ୍ଭବ ଶ୍ରମିକମାନଙ୍କୁ ଛଟେଇ କରି ସର୍ବୋଚ୍ଚ ଲାଭ କରିବାକୁ ଚାହୁଁଛନ୍ତି, ସେହି ମାଲିକମାନଙ୍କ ସ୍ୱାର୍ଥରେ ସରକାର ନିର୍ଲ୍ଲଜ ଭାବରେ କାମ କରୁଛନ୍ତି ।

★★★

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2.
District Khurda, Orissa E-mail: sarbaharakranti@yahoo.co.in
Editor : Bishnu Das